ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୪୬ | ଶୁକ୍ରବାର | ୦୯ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-46 | Friday | 09 May 2025 | Bhubaneswar | Pages-8 | Rs. 2.00


## ସଚିବମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୮।୫ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ସଚିବମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସାମ୍ପ୍ରତିକ ଘଟଣାକ୍ରମକୁ ଦୃଷ୍ଟିରେ ରଖି ବୈଠକରେ ଜାତୀୟ ପ୍ରସ୍ତୁତି ଏବଂ ଆନ୍ତଃମନ୍ତ୍ରିସ୍ତରୀୟ ସମନ୍ୱୟର ସମୀକ୍ଷା କରାଯାଇଛି। ବୈଠକରେ ପରିଚାଳନାଗତ ନିରନ୍ତରତା ଏବଂ ସଂସ୍ଥାଗତ ନମନୀୟତା ବଜାୟ ରଖିବା ପାଇଁ ମନ୍ତ୍ରଣାଳୟ ଏବଂ ଏଜେନ୍ସିଗୁଡ଼ିକ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନର ପରିସ୍ଥିତିର ମୁକାବିଲା ପାଇଁ ମନ୍ତ୍ରଣାଳୟଗୁଡ଼ିକ ଦ୍ୱାରା କରାଯାଇଥିବା ଯୋଜନା ଏବଂ ପ୍ରସ୍ତୁତିର ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ। ସଚିବମାନଙ୍କୁ ନିଜ ନିଜ ମନ୍ତ୍ରଣାଳୟର କାର୍ଯ୍ୟକଳାପର ଏକ ବିସ୍ତୃତ ସମୀକ୍ଷା କରିବା ଏବଂ ପ୍ରସ୍ତୁତି, ଜରୁରୀକାଳୀନ ପ୍ରତିକ୍ରିୟା ଓ ଆଭ୍ୟନ୍ତରୀଣ ଯୋଗାଯୋଗ ପ୍ରୋଟୋକଲ ଉପରେ ବିଶେଷ ଧ୍ୟାନ ଦେଇ ଅତ୍ୟାବଶ୍ୟକ ବ୍ୟବସ୍ଥାଗୁଡ଼ିକର ପୂର୍ଣ୍ଣ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବମାନେ ବର୍ତ୍ତମାନର ପରିସ୍ଥିତିରେ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ସହିତ ସେମାନଙ୍କର ଯୋଜନା ବିସ୍ତୃତ ଭାବରେ ଉଲ୍ଲେଖ • ପୃଷ୍ଠା ୭ ଦେଖନ୍ତୁ...

## ଚେତାବନୀ ପରେ ମଧ୍ୟ ଆମ ସୈନ୍ୟ ଶିବିର ଉପରେ ଆକ୍ରମଣ କରିଛି ପାକିସ୍ତାନ, ଆଜି ଜବାବ ଦେଇଛି ଭାରତ: କର୍ଣ୍ଣେଲ ସୋଫିଆ

ନୂଆଦିଲ୍ଲୀ, ୮।୫ (ହି.ସ): ଗୁରୁବାର ବୈଦେଶିକ ସଚିବ ବିକ୍ରମ ମିଶରୀ, କର୍ଣ୍ଣେଲ ସୋଫିଆ କୁରେଶୀ ଏବଂ ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହ ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ବୈଦେଶିକ ସଚିବ ବିକ୍ରମ ମିଶରୀ ପାକିସ୍ତାନ ଉପରେ ଆକ୍ରମଣ ପାଇଁ ଅଭିଯୋଗ ଆଣିଥିଲେ। ସେ କହିଥିଲେ ଯେ ପାକିସ୍ତାନ ଆକ୍ରମଣରେ ୧୬ ନିରୀହ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ୫୯ ଜଣ ଆହତ ହୋଇଛନ୍ତି। ଏହା ସହିତ, ଭାରତ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରିଛି ବୋଲି ପାକିସ୍ତାନର ଦାବିକୁ ଭିତ୍ତିହୀନ ବୋଲି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ କେବଳ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଛି। ସେ ସ୍ପଷ୍ଟ କରିଛନ୍ତି ଯେ ପାକିସ୍ତାନ ଉସୁକାଇଛି ଏବଂ ଭାରତ ଏହାର କଡ଼ା ଜବାବ ଦେଉଛି, ତାହା ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା ତା'ପରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ହେଉ। ବୈଦେଶିକ ସଚିବ ବିକ୍ରମ ମିଶରୀ କହିଛନ୍ତି ଯେ ପହଲଗାମ ଆକ୍ରମଣର ଜବାବ ବୁଧବାର ଭାରତୀୟ ସେନା ପାକିସ୍ତାନକୁ ଦେଇଛି। ଲସ୍କର ସହିତ ଜଡ଼ିତ ଏକ ସଂଗଠନ ପହଲଗାମ ଆକ୍ରମଣ ପାଇଁ ନିଜକୁ ଦାୟି କରିଥିଲା। ପାକିସ୍ତାନ ଜାତିସଂଘର ପ୍ରେସ୍ ରିଲିଜରେ ଟିଆର୍‌ଏଫ୍ ନାମକରଣକୁ ବିରୋଧ କରିଥିଲା। ସାମ୍ବାଦିକ ସମ୍ମିଳନୀରେ କର୍ଣ୍ଣେଲ ସୋଫିଆ କହିଛନ୍ତି ଯେ ପାକିସ୍ତାନୀ ସାମରିକ ଘାଟିକୁ ଟାର୍ଗେଟ କରାଯାଇ ନାହିଁ। ଭାରତ ଯେକୌଣସି ସାମରିକ ଆକ୍ରମଣର ଜବାବ ଦେବ। ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସାହାଯ୍ୟରେ ଉତ୍ତର ଏବଂ ପଶ୍ଚିମ ଭାରତରେ ଅବସ୍ଥିତ ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, • ପୃଷ୍ଠା ୭ ଦେଖନ୍ତୁ...

## ମା' ତାରାତାରିଣୀ ପୀଠର ବିକାଶ ପାଇଁ ୬୮ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ବ୍ରହ୍ମପୁର, ୮।୫ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ପ୍ରସିଦ୍ଧ ତାରାତାରିଣୀ ପୀଠରେ ମା' ତାରାତାରିଣୀଙ୍କୁ ଦର୍ଶନ କରିବା ସହିତ ଏହି ଅଞ୍ଚଳର ଭିତ୍ତିଭୂମି ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ଯୋଗଦେବା ପୂର୍ବରୁ ତାରାତାରିଣୀ ପୀଠ ବୁଲି ଦେଖିଥିଲେ ଏବଂ ଏହି ଅଞ୍ଚଳର ଉନ୍ନତିକରଣ ପାଇଁ ବିଭିନ୍ନ କାର୍ଯ୍ୟକାରୀ ହେବାକୁ ଭିତ୍ତିଭୂମିର ବିକାଶ ପାଇଁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଶିକ୍ଷା କେବଳ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଦେବାର ପ୍ରକ୍ରିୟା ନୁହେଁ, ଏହା ସେମାନଙ୍କୁ ଜୀବନ ଦୌଡ଼ ପାଇଁ ପ୍ରସ୍ତୁତ କରିବାର ଏକ ପ୍ରକ୍ରିୟା। ୧୦୦ ବର୍ଷ ଧରି, ଆମର ସ୍କୁଲ କେବଳ ଶ୍ରେଣୀଗୃହର ସମାହାର ନୁହେଁ। ଏହା ଜ୍ଞାନ ଓ ଚରିତ୍ରର ଏକ ପବିତ୍ର ସ୍ଥାନ୍ୟ ଆମର ଭବିଷ୍ୟତ ଗଠନର ମୂଳଦୁଆରେ ଥିବା ପ୍ରତ୍ୟେକ ଇଟା ଦୃଢ଼ତାର କାହାଣୀ ଧାରଣ କରିଛନ୍ତି। ଆଜିର ଦିନରେ ତୁମମାନଙ୍କ ପାଇଁ ମୋର ଛୋଟ ଉପଦେଶ ରହିବ, ଶିକ୍ଷା କେବଳ ରୋଜଗାରର ମାଧ୍ୟମ ନହେଉ। ଏହା ମାନବିକତା ବା ମଣିଷ ତିଆରି ମନ୍ଦିର ହେଉ। ଶିକ୍ଷାକୁ ସଠିକ ମାର୍ଗରେ ଉପଯୋଗ କରାଯାଉ। ଆଜି ଆମ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନରେ ଅନେକ ପିଲା ପାଠ ପଢିବା ପରେ ନିଜ ଜ୍ଞାନ ଗରିମାକୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଲଗେଇ ନିଜ ଭବିଷ୍ୟତକୁ ଧ୍ୱଂସ କରୁଛନ୍ତି। ହେଲେ ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ। ଆମେ ଜିହାଦ ନୁହେଁ, ଜଗନ୍ନାଥ ଚାହୁଁ। ଏଣୁ ଆମେ ପାଠ ପଢି ନିଜର, ନିଜ ପରିବାରର, ନିଜ ଗାଁର ଯଶ କୀର୍ତ୍ତି ବଢେଇବା ସହ ଆମ ମାଟି ମାଆର ଶର୍ଯ୍ୟ ଓ ସମ୍ମାନ ପାଇଁ ନିଜକୁ ସମର୍ପିତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେଯେ, ଦୀର୍ଘ ୧୦୦ ବର୍ଷ ଧରି ଏହି ବିଦ୍ୟାଳୟ ଖଲ୍ଲିକୋଟ ଅଞ୍ଚଳରେ ଜ୍ଞାନର ଆଲୋକ ବିକିରଣ କରି ଆସୁଅଛି ଏବଂ ଏହି ଶତାୟୁ ବିଦ୍ୟାଳୟରେ ପାଠ ପଢ଼ିବା, ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଗାଙ୍ଗଦହଣୀ ଉଚ୍ଚ ବିଦ୍ୟାଳୟର ଐତିହ୍ୟ, ଜୟଯାତ୍ରା ଓ ସଫଳତାକୁ ମନେ ପକେଇ ଯଥୋଚିତ ସମ୍ମାନ କରିବା ପାଇଁ ଏହା ହେଉଛି ପ୍ରକୃତ ଅବସର। ଏହା ହେଉଛି, ଆମ ପୂର୍ବତନ ଛାତ୍ରଙ୍କ ସଫଳତାର ଜୀବନ୍ତ ପ୍ରମାଣ। ଆପଣଙ୍କ ଯାତ୍ରା ଏଠାରେ ସ୍ଥାପିତ ମୂଲ୍ୟବୋଧକୁ ପ୍ରତିଫଳିତ କରେ, ଏବଂ ଆପଣଙ୍କ ସଫଳତା ଭବିଷ୍ୟତ ପିଢ଼ିକୁ ଉଚ୍ଚ ଲକ୍ଷ୍ୟ ଏବଂ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦିଏ। ଏହା ଏକ ବ୍ୟବସ୍ଥା ଯେଉଁଥିରେ ଆମେ ପିଲାମାନଙ୍କୁ ଉତ୍ତମ ନାଗରିକ ଭାବରେ ସେମାନଙ୍କର ଅଧିକାର ଏବଂ ସମାଜ, ରାଜ୍ୟ ଏବଂ ରାଷ୍ଟ୍ର ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ପରିଚିତ କରାଉ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିବାକୁ ଯାଇ ସେ କହିଥିଲେ, ଜୀବନରେ ସଂଘର୍ଷକୁ କେବେ ହେଲେ ଡରିବନି। ସଂଘର୍ଷର ରାସ୍ତାରେ ହିଁ ସଫଳତା ମିଳେ। ସଫଳତା ପାଇବା ପାଇଁ କୌଣସି ସର୍ଟକଟ ନାହିଁ, ଯଦି ଅଛି ତ କେବଳ ସଂଘର୍ଷ ଆଉ କଠିନ ପରିଶ୍ରମ। ପିଲାମାନେ, ତୁମମାନଙ୍କୁ ମୋର ଉପଦେଶ ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। କଠିନ ପରିଶ୍ରମ କର, ଫଳ ନିଶ୍ଚୟ ମଧୁର ହେବ। ତୁମେମାନେ ଜଣେ ଜଣେ ସଫଳ ବିଦ୍ୟାର୍ଥୀ ହେବା ସହିତ ଜଣେ ଜଣେ ଦକ୍ଷ ରାଷ୍ଟ୍ର ନିର୍ମାତା ହୁଅ। ତୁମେମାନେ ନିରାଶାର ଅନ୍ଧାରକୁ ଚିରି ଆଶାର ଆଲୁଅ ହେଇ ଜଳ। ନିଜର • ପୃଷ୍ଠା ୭ ଦେଖନ୍ତୁ...




# ଜିନ୍ଦଲ ଷ୍ଟେନଲେସ ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ଏବଂ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା



**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ଆଜି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଓ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି। କମ୍ପାନୀ ୨୩,୭୩,୦୭୦ ଟନ୍ ବିକ୍ରି ରେକର୍ଡ କରିଛି, ଯାହା ଆର୍ଥିକ ବର୍ଷ-୨୪ ତୁଳନାରେ ୯% ଅଧିକ। ଏକକ ଭିତିରେ ମୋଟ ରାଜସ୍ୱ ବାର୍ଷିକ ୫% ବୃଦ୍ଧି ପାଇ ୪୦,୧୮୨ କୋଟି ଟଙ୍କାରେ ପହଂଚିଛି । ୨୦୨୫ ଆର୍ଥିକ ବର୍ଷରେ ୩% ହ୍ରାସ ସହ ଇବିଆଇଟିଡିଏ ୩,୯୦୫ କୋଟି ଟଙ୍କା ଏବଂ ଟିକସ ପରବର୍ତୀ ଲାଭ ୨,୭୧୧ କୋଟି ଟଙ୍କା ରେକର୍ଡ କରିଥିବା ବେଳେ ସେଥିରେ ବାର୍ଷିକ ଅଭିବୃଦ୍ଧି ୭% ରହିଥିଲା। ଘରୋଇ ଚାହିଦା ନିରନ୍ତର ଅଧିକ ରହିଥିବା ଯୋଗୁଁ ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୈମାସିକ ବିକ୍ରି ୧୩% ବାର୍ଷିକ ହାରରେ ବୃଦ୍ଧି ପାଇ ସର୍ବୋଚ୍ଚ ୬,୪୨,୬୪୧ ଟନ୍ ରହିଛି। ମୋଟ ରାଜସ୍ୱ ୧୩% ବୃଦ୍ଧି ପାଇ ୧୦,୭୮୬ କୋଟି ଟଙ୍କା ରହିଛି ଏବଂ ଇବିଆଇଟିଡିଏ ମଧ୍ୟ ଗତବର୍ଷର ଚତୁର୍ଥ ତ୍ରୟମାସିକ ତୁଳନାରେ ୮% ବୃଦ୍ଧି ପାଇଛି । କିନ୍ତୁ ଗତବର୍ଷ ତୁଳନାରେ ଟିକସ ପରବର୍ତୀ ଲାଭରେ ପ୍ରଭାବଶାଳୀ ୯୪% ବୃଦ୍ଧି ଘଟିଛି। ଆର୍ଥିକ ବର୍ଷ ୨୫ରେ ଷ୍ଟେନଲେସ୍ ଷ୍ଟିଲର ଘରୋଇ ଚାହିଦା ବୃଦ୍ଧି ପାଇଥିଲା। ଭାରତର ୭,୫୦୦ କିଲୋମିଟର ଦୀର୍ଘ ସମୁଦ୍ର ତଟ ଅଂଚଳରେ ଷ୍ଟେନଲେସ୍ ଷ୍ଟିଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ବଜାର ସଚେତନତା ବୃଦ୍ଧି କରିଛି ଏବଂ ସାମଗ୍ରୀ ବଦଳକୁ ପ୍ରୋତ୍ସାହିତ କରିଛି। ଇଲେକ୍ଟ୍ରିକ୍ ଯାନ, ଟ୍ରେଲର ଏବଂ କଂଟେନରରେ ବଢୁଥିବା ପ୍ରୟୋଗ ସହିତ ଷ୍ଟେନଲେସ୍ ଷ୍ଟିଲ ଲଜିଷ୍ଟିକ୍ସ କ୍ଷେତ୍ରରେ ଲୋକପ୍ରିୟତା ହାସଲ କରିବାରେ ଲାଗିଛି, ଯେଉଁଥିରୁ ଅଧିକାଂଶ ପୂର୍ବରୁ ସକ୍ରିୟ ବ୍ୟବହାରରେ ଅଛି, ଏବଂ ଆଗକୁ ଅନେକ ପ୍ରକଳ୍ପ ବିକାଶ ଚାଲିଛି। ଅଟୋମୋଟିଭ୍, ରେଳ କୋଚ୍, ମେଟ୍ରୋ, ଘରୋଇ ଉପକରଣ ଏବଂ ପାଇପ୍ ଓ ଟ୍ୟୁବ୍ କ୍ଷେତ୍ରରେ ଡବଲ ଡିଜିଟ୍ ଅଭିବୃଦ୍ଧି ଘଟିଥିବା ବେଳେ ସ୍ପେସାଲିଟି ଗ୍ରେଡ୍ ସେଗମେଂଟରେ ମଧ୍ୟ କ୍ୱାର୍ଟର ଭିତିରେ ସ୍ଥିର ଅଭିବୃଦ୍ଧି ରେକର୍ଡ କରାଯାଇଛି। ଏହାବ୍ୟତୀତ ପ୍ରକ୍ରିୟା, ହାଇଡ୍ରୋଜେନ ଏବଂ ପରମାଣୁ ଶିଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୫ରେ ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ଭାବନା ଦେଖିବାକୁ ମିଳିଛି ଏବଂ ବ୍ୟବସାୟ ବିକାଶ ପାଇଁ ନୂତନ ବାଟ ଖୋଲିଛି। ଜେଏସ୍ଏଲର ନିର୍ଦ୍ଦେଶକ ମଣ୍ଡଳୀ ଅଂଶୀଦାରଙ୍କ ଅନୁମୋଦନ କ୍ରମେ ଆର୍ଥିକ ବର୍ଷ-୨୫ ପାଇଁ ୨ ଟଙ୍କା ଚୂଡ଼ାନ୍ତ ଲାଭାଂଶ ଦେୟ ପ୍ରଦାନ କରିବାକୁ ସୁପାରିସ କରିଥିଲେ। ଯାହା ଫଳରେ ମୋଟ ଲାଭାଂଶ ଦେୟ ୩ ଟଙ୍କା ଅର୍ଥାତ୍ ଇକ୍ୱିଟି ସେୟାର ପିଛା ୧୫୦% କୁ ବୃଦ୍ଧି ପାଇଥିଲା ଯାହାର ମୁଦ୍ରା ମୂଲ୍ୟ ୨ ଟଙ୍କା ଥିଲା। ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା ମୋଟ ଋଣ ପରିମାଣ ୩,୮୯୯ କୋଟି ଟଙ୍କା ରହିଛି। ଭାରି ପୁଂଜିଗତ ବ୍ୟୟ ସତ୍ତ୍ୱେ ମୋଟ ଋଣ-ଇକ୍ୱିଟି ଅନୁପାତକୁ ପ୍ରାୟ ୦.୨ ମଧ୍ୟରେ ସୀମିତ ରଖାଯାଇଛି। ବିଶ୍ୱ ସ୍ତରରେ ସାମ୍ପ୍ରତିକ ଭୂ-ରାଜନୈତିକ ବାଣିଜ୍ୟ ପରିସ୍ଥିତି ଯୋଗୁଁ ଚଳିତ ତ୍ରୟମାସରେ ବିଶ୍ୱବ୍ୟାପୀ ବାଣିଜ୍ୟ ହ୍ରାସ ପାଇଛି, ଯାହା ସାମଗ୍ରିକ ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ଏହା ସତ୍ତ୍ୱେ ଜିନ୍ଦଲ ଷ୍ଟେନଲେସ୍ ବଜାର ସୁଯୋଗ ଏବଂ ମୂଲ୍ୟଯୁକ୍ତ ଅଫରକୁ ପୁଂଜି କରି ସାରା ବିଶ୍ୱରେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଣ ଜାରି ରଖିଛି।୨୦୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ରପ୍ତାନି ଚାହିଦା ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି ଯାହା ନିମନ୍ତେ ଉତ୍ପାଦନ କ୍ଷମତାକୁ ଅନୁକୂଳ କରିବାରେ ଧ୍ୟାନ ଦିଆଯାଇଛି। ବିଶେଷ କରି ଆମେରିକା ଏବଂ ୟୁରୋପୀୟ ସଂଘ ଭଳି ଗୁଣବତା-ସଚେତନ ବଜାରରେ ସ୍ୱଳ୍ପ ଏବଂ ମଧ୍ୟ-ଅବଧିରେ ଉନ୍ନତି ଜାରି ରହିବ ବୋଲି ଆକଳନ କରାଯାଇଛି। କମ୍ପାନୀର ପ୍ରଦର୍ଶନ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଘରୋଇ ବଜାରରେ ଆମର ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ଆମର ଯୋଗାଣ ଶୃଙ୍ଖଳା ଉତ୍କର୍ଷତାକୁ ସୁନିଶ୍ଚିତ କରିବା ଦିଗରେ ଗତ ଆର୍ଥିକ ବର୍ଷ ଆମ ପାଇଁ ଏକ ନିର୍ଣ୍ଣାୟକ ଅଧ୍ୟାୟ ଥିଲା। ଇଣ୍ଡୋନେସିଆରେ ଆମର ଏନପିଆଇ ସୁବିଧାର ପ୍ରାରମ୍ଭିକ କାର୍ଯ୍ୟକ୍ଷମତା, ଆମର କୋଲ୍ଡ ରୋଲ୍ଡ ଉତ୍ପାଦର ବୃଦ୍ଧି କରିବା ପାଇଁ କ୍ରୋମେନି ଷ୍ଟିଲର ସମ୍ପୂର୍ଣ୍ଣ ଅଧିଗ୍ରହଣ ଏବଂ ଏମ୧ ଏକ୍ସଚେଞ୍ଜରେ ରଣନୈତିକ ପୁଂନିବେଶ ଆମର କଂଚାମାଲ ସିକ୍ୟୁରିଟି, ଉତ୍ପାଦ ବିବିଧତା ଏବଂ ଡିଜିଟାଲ ନେତୃତ୍ୱ ସୁନିଶ୍ଚିତ କରିବା ସହ ଆମର ମୂଲ୍ୟଶୃଙ୍ଖଳାକୁ ସୁଦୃଢ଼ କରିଛି। ଆମେ ସବୁଜ ହାଇଡ୍ରୋଜେନ ଉପଯୋଗକୁ ତ୍ୱରାନ୍ୱିତ କରୁଛୁ, ସ୍ଥାୟୀ ଲଜିଷ୍ଟିକ୍ସ, ଭିତିଭୂମି ଏବଂ ଶିଳ୍ପ ପାଇଁ ନୂତନ ଉତ୍ପାଦ ଓ ଗ୍ରେଡ୍ ଉଦ୍ଭାବନ କରୁଛୁ, ଅକ୍ଷୟ ଶକ୍ତି ଯୋଗାଣକୁ ବ୍ୟାପକ କରୁଛୁ ଏବଂ ଇଏସଜି ପ୍ରକାଶନ ସହିତ ନେତୃତ୍ୱ ନେଉଛୁ। ଆମେ ଷ୍ଟେନଲେସ୍ ଇସ୍ପାତ ଉତ୍ପାଦନ ଉପରେ ଧ୍ୟାନ ଦେବା ସହ ଭାରତ ପାଇଁ ଏକ ଜ୍ଞାନକୌଶଳ-ସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନ ଉପରେ ମଧ୍ୟ ଗୁରୁତ୍ୱ ଦେଉଅଛୁ।

# ଭାରତ-ପାକ୍ ଯୁଦ୍ଧ ଉତ୍ତେଜନା, ପ୍ରଭାବିତ ହେବନି ଦୀର୍ଘ ମିଆଦୀ ନିବେଶ



**ନୂଆଦିଲ୍ଲୀ,(ହି.ସ):** ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିଛି। ଦେଶକୁ ନିବେଶର ଏକ ଗନ୍ତବ୍ୟ ସ୍ଥଳ କରିବାକୁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ପହଲଗାମ୍ ଆତଙ୍କି ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ନୂଆଦିଲ୍ଲୀ ପାଇଁ ସ୍ୱଳ୍ପମିଆଦୀ ଭିତ୍ତିରେ ପ୍ରଭାବ ପକାଇପାରେ। ମାତ୍ର ଦୀର୍ଘମିଆଦୀ ଭିତ୍ତିରେ ଏହାର ପ୍ରଭାବ ଘରୋଇ ବଜାର ଉପରେ ରହିବନି ବୋଲି ବିଶେଷଜ୍ଞ କହିଛନ୍ତି। ୪ ଟ୍ରିଲିୟନ ଡଲାରର ଭାରତୀୟ ଅର୍ଥନୀତି ପାକିସ୍ତାନ ସହ ସେଭଳି କୌଣସି ଦ୍ୱିପାକ୍ଷିକ କାରବାର କରୁନାହିଁ। ଭାରତ ପାକିସ୍ତାନ ଉପରେ କରିଥିବା ମିଶାଇଲ ଆକ୍ରମଣ ଘରୋଇ ପୁଞ୍ଜି ବଜାର, ମୁଦ୍ରା ଏବଂ ବଣ୍ଡ୍ ବଜାର ଉପରେ ସେତେଟା ପ୍ରଭାବ ପକାଇନି। ନିବେଶ ଫାର୍ମ ନୁଭାମା ଗ୍ରୁପର ଫିକ୍ସଡ ଇନକମ ବିଭାଗ ମୁଖ୍ୟ ଅଜୟ ମାରୱା କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ ତେବେ ଏହା ନିବେଶ ପ୍ରଭାବିତ ହେବନି। ପୂର୍ବରୁ ମଧ୍ୟ ଉଭୟ ଦେଶ ମଧ୍ୟରେ ସମ୍ପର୍କ ବିଗିଡିଛି। ଏଭଳି ସ୍ଥିତି ଭାରତକୁ ସମ୍ପୂର୍ଣ୍ଣ ଭାବେ ଦୋହଲାଇ ଦେଇନି ବୋଲି ସିଟି ବ୍ୟାଙ୍କ ବିଶେଷଜ୍ଞ କହିଛନ୍ତି।୨୦୧୯ ଫେବ୍ରୁଆରିରେ ପୁଲୱାମା ଆତଙ୍କି ଆକ୍ରମଣ ବେଳେ ଉଭୟ ଟଙ୍କା ଏବଂ ବଣ୍ଡ୍ ବଜାର ଦୃଢ଼ତା ଦେଖାଇଥିଲା। ସେହିମାସରେ ଏହା ୧୫ ବେସିସ ପଏଣ୍ଟ ବଢିଥିଲା। ୨୦୨୦ରେ ଗଲୱାନ ଉପତ୍ୟକାରେ ଭାରତ ଏବଂ ଚୀନ ସେନା ମୁହାଁମୁହିଁ ହେବା ପରେ ମଧ୍ୟ ଟଙ୍କା ୧% ଦୁର୍ବଳ ହୋଇଥିଲେ ବି ପରେ ଏହା ଦୃଢ଼ ହୋଇଥିଲା ବୋଲି ସିଟି ବ୍ୟାଙ୍କ ବିଶେଷଜ୍ଞ କହିଛନ୍ତି। ଭାରତର ପ୍ରମୁଖ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଆମେରିକା ଟାରିଫ ଲଦିବା ପରେ ମଧ୍ୟ ଭାରତୀୟ ବଜାର କିଛି ସମୟ ପ୍ରଭାବିତ ରହିବା ପରେ ଦୃଢ଼ ଭାବେ ପୂର୍ବ ସ୍ଥିତିକୁ ଫେରିଛି। ଘରୋଇ ବଜାରର ସ୍ଥିତି ଦୃଢ଼ ଥିବାରୁ ଟ୍ରମ୍ପଙ୍କ ଟାରିଫ ୱାର ସତ୍ତ୍ୱେ ବଜାର ଉପରେ ନିବେଶକଙ୍କ ଭରସା ରହିଛି ବୋଲି ହଣ୍ଡରସନ ଇନଭେଷ୍ଟମେଣ୍ଟର ପୋର୍ଟଫୋଲିଓ ମ୍ୟାନେଜର ସ୍ୱ ଧୁରା କହିଛନ୍ତି। ବର୍ତ୍ତମାନ ସ୍ଥିତି ଯୋଗୁ ବିଦେଶୀ ନିବେଶକ ମାନେ ହୁଏତ ବଜାରରୁ ଦୂରେଇ ରହି ପାରନ୍ତି ମାତ୍ର ଘରୋଇ ନିବେଶ ମାନେ ବଜାରରେ ନିଜର କାରବାର ଜାରି ରଖିବେ। ୬.୫% ଅଭିବୃଦ୍ଧି ସହ ଦେଶ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାର ରଖିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଏପ୍ରିଲ ପରଠୁ ଭାରତୀୟ ଷ୍ଟକ ବଜାର ବିଶ୍ୱର ସବୁଠାରୁ ଉତ୍ତମ ପ୍ରଦର୍ଶନ କରୁଥିବା ବଜାର ଭାବେ ଉଭା ହୋଇଛି। ଆମେରିକା ଟାରିଫ ଘୋଷଣା କରିବା ପରେ ନିଫ୍ଟି ୫୦ରେ ୪.୬% ବଢିଛି। ବିଦେଶୀ ନିବେଶକ ମାନେ ଏପ୍ରିଲ ପରଠୁ ନିବେଶ ବାଇଛନ୍ତି। ବିଦେଶୀ ନିବେଶକ ମାନେ ଭାରତରେ ନିବେଶ ଜାରି ରଖିବେ ବୋଲି ୟୁଏଇ ଭିତ୍ତିକ ଆସେଟ ମ୍ୟାନେଜର ନ୍ୟାଭ୍ କ୍ୟାପିଟାଲ କହିଛି। ବର୍ତ୍ତମାନ ସ୍ଥିତି ବଜାରକୁ ଦୀର୍ଘମିଆଦି ଭିତ୍ତିରେ ପ୍ରଭାବିତ କରିବନି। ଦେଶ ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ କରିଛି। ଆର୍ବିଆଇ ପଦକ୍ଷେପ ଦେଶର ଅଭିବୃଦ୍ଧିକୁ ଅତୁଟ ରଖିବ ବୋଲି ବୋଲି ଡିବିଏସ୍ ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି। ଭାରତ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ପ୍ରଭାବ ଦେଶ ଉପରେ ରହିବନି। ଦେଶର ଉତ୍ତର ଏବଂ ପଶ୍ଚିମ ଭାଗ ପାକିସ୍ତାନ ସହ ସୀମା ରହିଛି। ମାତ୍ର ନିବେଶ କରୁଥିବା କମ୍ପାନି ଦକ୍ଷିଣ ଏବଂ ମଧ୍ୟ ଭାରତ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି ବୋଲି ପୂର୍ବତନ ପ୍ରଶାସକ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି।

# "ଭିନ୍ନକ୍ଷମମାନଙ୍କ ନିମନ୍ତେ ବ୍ୟାଙ୍କିଙ୍ଗ"କର୍ମଶାଳା

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ, ଓଡ଼ିଶା ପକ୍ଷରୁ "ଭିନ୍ନକ୍ଷମମାନଙ୍କ ନିମନ୍ତେ ବ୍ୟାଙ୍କିଙ୍ଗ" ଶିର୍ଷକ ଏକ କର୍ମଶାଳା ତୋଷାଳି ଭବନ ଭିନ୍ନକ୍ଷମ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଆର.ଏସ ଗୋପାଳନ, ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ, ଏସଏଲବିସିର ଆବାହକ ଗୌତମ ପାତ୍ର, ବ୍ୟାଙ୍କ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବ୍ୟାଙ୍କମାନେ ଭିନ୍ନକ୍ଷମମାନଙ୍କ ପାଇଁ ସେମାନଙ୍କର ଶାଖା ଏବଂ ଏଟିଏମମାନଙ୍କରେ ବିଭିନ୍ନ ସୁବିଧା ଯଥା- ର୍ୟାମ୍ପ, ଟାକ୍ଟାଇଲ ଫ୍ଲୋରିଙ୍ଗ, ଲିଫ୍ଟ, ସୁଗମ ଟଏଲେଟ, ହୁଇଲ ଚେୟାର, ବାଧାରହିତ ଖାତା ଖୋଲିବା, ସହଜ କାଉଣ୍ଟର ସେବା, ବ୍ରେଲିଲିପି ସୂଚନାଫଳକ, ଡିଜାବିଲିଟି ଫ୍ରେଣ୍ଡଲି ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ ସେବା ଯୋଗାଇବା ସହିତ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ନିଯୁକ୍ତି, ସ୍ଥାନାନ୍ତର ଇତ୍ୟାଦି ବିଭିନ୍ନ ସୁବିଧା ବିଷୟରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏସଏସଇପିଡି ବିଭାଗର ସଚିବ ଭିନ୍ନକ୍ଷମମାନଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନରେ ଅଧିକ ଅନ୍ତର୍ଭୁକ୍ତ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରିବାକୁ ସମସ୍ତ ବ୍ୟାଙ୍କର୍ସମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏସଏଲବିସିର ଆବାହକ ବ୍ୟାଙ୍କଗୁଡିକ ଭିନ୍ନକ୍ଷମ ଆକ୍ଟ ୨୦୧୬ ଅନୁଯାୟୀ ଭିନ୍ନକ୍ଷମମାନଙ୍କର ଅଧିକାର ବିଷୟରେ ଜାଣିବା ସହିତ ତଦନୁସାରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ।




# ବିଶ୍ୱ ଆଥଲେଟିକ୍ସ ଦିବସ: ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ କ୍ରୀଡାର ପରିବର୍ତନଶୀଳ ଶକ୍ତିକୁ ପାଳନ କରିଛି



**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ବିଶ୍ୱ ଆଥଲେଟିକ୍ସ ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର କଳାହାଣ୍ଡି ଏବଂ ଝାରସୁଗୁଡ଼ାରେ ଏହାର କାର୍ଯ୍ୟରେ ତୃଣମୂଳ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡା ଉତ୍କର୍ଷତାର ସଂସ୍କୃତି ଗଠନ କରିବା ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ପାଳନ କରୁଛି। ଏହି ପ୍ରତିବଦ୍ଧତାକୁ ଆଗକୁ ବଢାଇବା ହେଉଛି ଲାଗିଡ଼ରେ ବେଦାନ୍ତ କ୍ରୀଡା ତାଲିମ ପଦକ୍ଷେପ ଏବଂ ଝାରସୁଗୁଡ଼ାରେ ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ଅଟେ। ଏହି ପଦକ୍ଷେପଗୁଡ଼ିକ ବୃତିଗତ ପ୍ରଶିକ୍ଷଣ, ଆଧୁନିକ କ୍ରୀଡା ଭିତିଭୂମି ଏବଂ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମ ପାଇଁ ସୁବିଧା ମାଧ୍ୟମରେ ଅବହେଳିତ ସମ୍ପ୍ରଦାୟର ୨୦୦ ରୁ ଅଧିକ ଯୁବକଙ୍କୁ ସଶକ୍ତ କରୁଛି। ୨୦୧୮ ମସିହାରୁ, ବେଦାନ୍ତର ଲାଞ୍ଜିଗଡ଼ ୟୁନିଟ୍ ସାମୁଦାୟିକ କ୍ରୀଡା ବିକାଶରେ ଆଗୁଆ ରହିଛି। ଏହି ଦୁର୍ଗମ ଆଦିବାସୀ ଅଂଚଳରେ – ଯାହା ଥରେ କୁପୋଷଣ, ବୃଦ୍ଧିରେ ଅକ୍ଷମତା ଏବଂ ଅନାହାର ଜନିତ ମୃତ୍ୟୁ ପାଇଁ ଜଣାଶୁଣା - ବେଦାନ୍ତର କ୍ରୀଡା ତାଲିମ ପଦକ୍ଷେପ ଏବେ ଜାତୀୟ ଏବଂ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ପ୍ରଶଂସା ଜିତିଥିବା ୧୦୦ ରୁ ଅଧିକ ଯୁବ ଖେଳାଳିଙ୍କୁ ସହାୟତା କରୁଛି। ବେଦାନ୍ତ ତୀରନ୍ଦାଜୀ ଏବଂ କରାଟେରେ ସଂରଚିତ ପ୍ରଶିକ୍ଷଣ, ଗୁଣାତ୍ମକ ଉପକରଣ, ୟୁନିଫର୍ମ ଏବଂ ବିଶେଷଜ୍ଞଙ୍କ ନେତୃତ୍ୱରେ ଶିବିର ପ୍ରଦାନ କରିଛି। କେବଳ ଗତ ବର୍ଷରେ, କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ତୀରନ୍ଦାଜୀମାନେ ବିଭିନ୍ନ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନସିପରେ ୪୦ରୁ ଅଧିକ ପଦକ ହାସଲ କରିଛନ୍ତି। ବର୍ତମାନ, ବେଦାନ୍ତ ଲାଞ୍ଜିଗଡ଼ର ଏସଏସଡି ହାଇସ୍କୁଲରେ କରାଟେରେ ୬୦ ଏବଂ ତୀରନ୍ଦାଜୀରେ ୪୦ ଛାତ୍ରଙ୍କୁ ସହାୟତା କରୁଛି, ଯାହା ସେମାନଙ୍କୁ ଉଚ୍ଚ ସ୍ତରରେ କ୍ରୀଡା ଉତ୍କର୍ଷତା ହାସଲ କରିବାକୁ ଏବଂ ଆକାଂକ୍ଷା କରିବାକୁ ସକ୍ଷମ କରିଥାଏ। ସମ୍ପ୍ରତି, ଏକାଡେମୀ ପୂର୍ବତନ ଅଲିମ୍ପିଆନ୍, ରାହୁଲ ବାନାର୍ଜୀଙ୍କ ସହ ସହଭାଗୀ ହୋଇ ୮୦ରୁ ଅଧିକ ଆଦିବାସୀ ଛାତ୍ରଙ୍କୁ ତୀରନ୍ଦାଜୀରେ ତାଲିମ ଦେଇଛି। ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟର ଏକ ପ୍ରମୁଖ ପଦକ୍ଷେପ, ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର, ସ୍ଥାନୀୟ ଯୁବକ ଏବଂ ମହିଳାଙ୍କୁ କରାଟେ ଏବଂ ଆତ୍ମରକ୍ଷାରେ ତାଲିମ ପ୍ରଦାନ କରୁଛି। ବର୍ତମାନ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବାବେଳେ, ଏହି କେନ୍ଦ୍ର ଶାରୀରିକ ସୁସ୍ଥତା, ଆତ୍ମ-ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସକୁ ପ୍ରୋତ୍ସାହିତ କରୁଛି, ଏବଂ ଅଂଶଗ୍ରହଣକାରୀମାନଙ୍କୁ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି। କମ୍ପାନୀ ଜିଲ୍ଲା ହକି ଆସୋସିଏସନ ସହିତ ସହଯୋଗ କରି ଝାରସୁଗୁଡ଼ାରେ ପ୍ରଥମ ଥର ପାଇଁ ଆନ୍ତଃରାଜ୍ୟ ୧୭ ବର୍ଷରୁ କମ୍ ବାଳିକା ୫-ଏ-ସାଇଡ୍ ହକି ପ୍ରତିଯୋଗିତା ଆୟୋଜନ କରିଥିଲା। ଏହି ପ୍ରତିଯୋଗିତାରେ ନଅଟି ଦଳ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ, ଯାହା ପ୍ରତିଶ୍ରୁତିବଦ୍ଧ ମହିଳା ଖେଳାଳିମାନଙ୍କୁ ଚିହ୍ନଟ ଏବଂ ଉତ୍ସାହିତ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା।ଏହି ଅବସରରେ, ବେଦାନନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ କ୍ରୀଡ଼ା ଜୀବନକୁ ପରିବର୍ତନ କରିବାର ଶକ୍ତି ରଖେ। ଝାରସୁଗୁଡ଼ାରୁ ଲାଗିଡ଼ ପର୍ଯ୍ୟନ୍ତ, ଆମର ପଦକ୍ଷେପ ଗୁଡ଼ିକ କେବଳ ଖେଳାଳି ସୃଷ୍ଟି କରୁନାହିଁ, ବରଂ ଆତ୍ମବିଶ୍ୱାସୀ, ସଶକ୍ତ ବ୍ୟକ୍ତିମାନଙ୍କୁ ଗଠନ କରୁଛି। ଓଡ଼ିଶା ସର୍ବଦା କ୍ରୀଡ଼ା ପ୍ରତିଭାର ଜନ୍ମଭୂମି ହୋଇଆସିଛି, ଏବଂ ଭିତିଭୂମି ନିର୍ମାଣ, ପ୍ରବେଶ ସକ୍ଷମ କରିବା ଏବଂ ଆକାଂକ୍ଷାକୁ ପୋଷଣ କରି ଆମେ ସେହି ଐତିହ୍ୟକୁ ସୁଦୃଢ଼ କରିବାରେ ଗର୍ବିତ। 'କଳାହାଣ୍ଡି ଏବଂ ଝାରସୁଗୁଡ଼ାରେ, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସମୃଦ୍ଧ କ୍ରୀଡ଼ା ଐତିହ୍ୟ ଉପରେ ନିର୍ମାଣ କରୁଛି, ବିଶେଷକରି ହକି, ତୀରନ୍ଦାଜୀ ଏବଂ ମାର୍ଶାଲ ଆର୍ଟରେ। କମ୍ପାନୀ ଜିଲ୍ଲା ହକି ଚାମ୍ପିଅନସିପ୍ ଭଳି ଅନେକ ଇଭେଂଟ ଆୟୋଜନ କରିଛି ଏବଂ ଝାରସୁଗୁଡ଼ା ଜିଲ୍ଲା ଆଥଲେଟିକ୍ସ ଆସୋସିଏସନର ନୂତନ ପ୍ରଶାସନିକ କୋଠା ଭଳି ପ୍ରାୟୋଜିତ ଭିତିଭୂମି ନିର୍ମାଣ କରିଛି। ଏହାର ଟାଉନସିପଗୁଡ଼ିକ ଆଧୁନିକ ଖେଳ ପଡ଼ିଆ ଏବଂ ତାଲିମ ସୁବିଧା ସହିତ ସଜ୍ଜିତ, ଯାହା ସକ୍ରିୟ, ସୁସ୍ଥ ଜୀବନଯାପନ ପାଇଁ ଯୁବ ଏବଂ ବୟସ୍କ ଉଭୟଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରେ। ବେଦାନ୍ତ ଆଲୁମିନିୟମର ତୃଣମୂଳ କ୍ରୀଡା କାର୍ଯ୍ୟକ୍ରମଗୁଡ଼ିକ ପୂର୍ବରୁ ଜାତୀୟ ସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ଭଳି ପ୍ରତିଷ୍ଠିତ ପ୍ଲାଟଫର୍ମରେ ଖେଳାଳିମାନଙ୍କୁ ଚମକ ଦେଖାଇଛି। ଏହି ପ୍ରୟାସଗୁଡ଼ିକ କମ୍ପାନୀର ଏହାର ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଅବଦାନ ଦେବା ଏବଂ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବାର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି।

## ଡୁମାଣୀ ଖବର — ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

# 'ଅପରେସନ ସିନ୍ଦୂର' ପରେ ଦିଲ୍ଲୀ ପହଞ୍ଚିଲେ ଦୁଇ ମୁସଲିମ ଦେଶର ବୈଦେଶିକ ମନ୍ତ୍ରୀ



**ନୂଆଦିଲ୍ଲୀ, (ହି.ସ):** ସାଉଦି ଆରବର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆଦେଲ ଅଲଜୁବେର ଏକ ଅଘୋଷିତ ଭାରତ ଗସ୍ତରେ ଅଛନ୍ତି ଏବଂ ଗୁରୁବାର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ଆଲୋଚନା କରିଥିଲେ ଯାହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଉପରେ ଧ୍ୟାନ ଦେଇଥିଲା। ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ନଅଟି ଆତଙ୍କବାଦୀ ଶିବିର ଉପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୂର୍ବରୁ ତିକ୍ତ ସମ୍ପର୍କ ଆହୁରି ଖରାପ ହୋଇଥିବା ବେଳେ ଅଲଜୁବେରଙ୍କ ନୂଆଦିଲ୍ଲୀ ଗସ୍ତ ହୋଇଛି। ଡକ୍ଟର ଏସ୍. ଜୟଶଙ୍କର ସୋସିଆଲ ମିଡିଆରେ ଏକ ପୋଷ୍ଟରେ କହିଛନ୍ତି ଯେ, 'ଆଜି ସକାଳେ ସାଉଦି ଆରବର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆଦେଲ ଅଲଜୁବେରଙ୍କ ସହ ଏକ ଭଲ ସାକ୍ଷାତ ହୋଇଥିଲା। ଆତଙ୍କବାଦର ଦୃଢ଼ ମୁକାବିଲା ଉପରେ ଭାରତର ଦୃଷ୍ଟିକୋଣକୁ ସାର୍ବଜନୀନ କରିଥିଲେ।' ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ମଧ୍ୟ ପୂର୍ବ ନିର୍ଦ୍ଧାରିତ ଗସ୍ତରେ ବୁଧବାର ମଧ୍ୟରାତ୍ରିରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଏସ୍. ଜୟଶଙ୍କର ଆବାସ୍ ଅରାଘଚିଙ୍କୁ ମୁହାଁମୁହିଁ କହିଥିଲେ, 'ଆମର ଉଦ୍ଦେଶ୍ୟ ପରିସ୍ଥିତିକୁ ଆହୁରି ଖରାପ କରିବା ନୁହେଁ, କିନ୍ତୁ ଯଦି ଆମ ଉପରେ ସାମରିକ ଆକ୍ରମଣ ହୁଏ, ତେବେ ଭାରତ ଯେ ପୂର୍ଣ୍ଣ ବଳରେ ଜବାବ ଦେବ ଏଥିରେ କୌଣସି ସନ୍ଦେହ ନାହିଁ।' ଆବାସ୍ ଅରାଘଚି ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଭେଟିବେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ, ଭାରତୀୟ ସଶସ୍ତ୍ର ବାହିନୀ ମଙ୍ଗଳବାର ଏବଂ ବୁଧବାର ମଧ୍ୟରାତ୍ରିରେ ନଅଟି ଆତଙ୍କବାଦୀ ଶିବିର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲେ, ଯେଉଁଥିରେ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନର ଗଡ଼ ବହାୱଲପୁର ଏବଂ ଲସ୍କର-ଏ-ତୈୟବାର ଆଡ୍ଡାସ୍ଥଳ ମୁରିଦକେ ଅନ୍ତର୍ଭୁକ୍ତ।

# ପିଏମ ମୋଦୀଙ୍କୁ ଭେଟିଲେ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗା

**ନୂଆଦିଲ୍ଲୀ, (ହି.ସ):** ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗା ଆଜି (ଗୁରୁବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରାଯିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଅଜୟ ବାଙ୍ଗାଙ୍କ ମଧ୍ୟରେ ଏହି ବୈଠକ ହୋଇଥିଲା। ସୂଚନାଥାଉକି, ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସିନ୍ଧୁ ଜଳ ଚୁକ୍ତି ପାଇଁ ୯ ବର୍ଷ ଧରି ଚାଲିଥିବା ଆଲୋଚନାରେ ବିଶ୍ୱ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲାୟ କେବଳ ଏତିକି ନୁହେଁ, ବିଶ୍ୱ ବ୍ୟାଙ୍କ ମଧ୍ୟ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର କରିଥିଲା। ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ପରେ, ଅଜୟ ବାଙ୍ଗା ଆସନ୍ତାକାଲି (ଶୁକ୍ରବାର) ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଯିବେୟ ସେଠାରେ ସେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିବେ। ୟୁପି ସରକାରଙ୍କ ସୂଚନା ଅନୁଯାୟୀ, ବାଙ୍ଗାଙ୍କ ଏହି ଗସ୍ତ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶର ଦ୍ରୁତ ବିକାଶ ପ୍ରତି ବଢୁଥିବା ବୈଶ୍ୱିକ ଆଗ୍ରହକୁ ସୂଚିତ କରୁଛି। କାରଣ ରାଜ୍ୟ ୧୦୦୦ ବିଲିୟନ ଡଲାର ଅର୍ଥନୀତି ହେବାର ଏହାର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଆଡକୁ ବଢୁଛିସୂଚନା ମୁତାବକ ଅଜୟ ବାଙ୍ଗା ଆସନ୍ତାକାଲି ଲକ୍ଷ୍ନୌର ତାଜ ହୋଟେଲରେ ଅନେକ ବୈଠକ ଏବଂ କାର୍ଯ୍ୟକ୍ରମରେ ଯୋଗଦେବେୟ ଏହି ଅବଧିରେ ମୁଖ୍ୟ ସଚିବଙ୍କ ଉପସ୍ଥିତିରେ ଅଂଶୀଦାର ମାନଙ୍କ ସହିତ ଏକ ବୈଠକ ମଧ୍ୟ କରିବେ। ପରେ, ସେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କୁ ଭେଟିବେ ଏବଂ ରାତ୍ରୀଭୋଜନରେ ଯୋଗଦେବେ। ବିବୃତ୍ତି ଅନୁଯାୟୀ, ବିଶ୍ୱ ବ୍ୟାଙ୍କ ମୁଖ୍ୟ ଲକ୍ଷ୍ନୌରୁ ବାରବାଙ୍କି ଯାତ୍ରା କରିବେ, ଯେଉଁଠାରେ ସେ ରାଜୌଲିରେ ଏକ ମହୁମାଛି ପାଳନ କେନ୍ଦ୍ର ପରିଦର୍ଶନ କରିବେ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମାନଙ୍କୁ ଭେଟିବେ। ଆଉ ଏହା ପରେ ସେ ହୋଟେଲ ତାଜରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପରେ ଦିଲ୍ଲୀ ଫେରି ଯିବେ।

# ନେପାଳରୁ ଭାରତକୁ ଅବୈଧ ରୂପେ ପ୍ରବେଶ କରୁଥିବା ୪ ଚୀନ ନାଗରିକ ଗିରଫ

**କାଠମାଣ୍ଡୁ, (ହି.ସ.):** ନେପାଳରୁ ରକ୍ସୌଲ ବର୍ଡ଼ର ରାସ୍ତା ଦେଇ ଭାରତରେ ଅବୈଧ ରୂପେ ଅନୁପ୍ରବେଶ କରୁଥିବା ଚୀନ୍ ର ୪ ଜଣ ସନ୍ଦିଗ୍ଧ ନାଗରିକଙ୍କୁ ନେପାଳ-ଭାରତ ମୈତ୍ରୀ ବ୍ରିଜ ଠାରୁ ଗିରଫ କରିଛି ଏସଏସବି। ତନ୍ମଧ୍ୟରେ ଜଣେ ମହିଳା ରହିଛନ୍ତି। ସେ ବାରମ୍ବାର ନିଜର ବୟାନ ବଦଳାଉଛନ୍ତି। ଏସଏସବିର ସୂଚନା ଅନୁସାରେ, ଚୀନ୍‌ର ମହିଳା ନିଜକୁ କେବେ ନେପାଳ ତ କେବେ ଚୀନ୍ ର ନାଗରିକ ବୋଲି କହୁଛନ୍ତି । ସେ ହିନ୍ଦୀ, ନେପାଳୀ, ଇଂରାଜୀ ଓ ଚୀନୀ ଭାଷା କହୁଛନ୍ତି। ଯାଂଚ୍ ଅଧିକାରୀ ମାନେ କହିଛନ୍ତି ଯେ, ସମ୍ପୃକ୍ତ ମହିଳାଙ୍କ ନିକଟରୁ ମିଳିଥିବା କାଗଜରେ ପାକିସ୍ତାନର ମୋବାଇଲ ନମ୍ବର ମିଳିଛି। ସେ ସେଠାକାର କୌଣସି ବ୍ୟକ୍ତି ସହିତ ଯୋଗାଯୋଗରେ ଅଛନ୍ତି। ଏସଏସବିର ସୂଚନା ଅନୁସାରେ, ସମ୍ପୃକ୍ତ ୩ ଜଣ ପୁରୁଷ ଚୀନୀ ନାଗରିକ ଗତ ଏକ ସପ୍ତାହ ହେଲା କାଠମାଣ୍ଡୁରେ ରହୁଥିଲେ ଏବଂ ରକ୍ସୌଲ ବର୍ଡ଼ର ଦେଇ ଭାରତରେ ଅନୁପ୍ରବେଶ କରିବାକୁ ଚାହୁଁଥିଲେ। ଏହି କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରୁଥିଲେ ଏହି ଚୀନୀ ମହିଳା ଜଣକ। ସମ୍ପୃକ୍ତ ୪ ଜଣଙ୍କୁ ପଚରା ଉଚୁରା ଜାରି ରହିଛି। ଭାରତରେ ପ୍ରବେଶ କରୁଥିବା ଲୋକଙ୍କ ପରିଚୟ ପତ୍ର ଦେଖି ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯାଉଛି।

**ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ 'ଏ ମାଟିର ଡାକ' ପୁସ୍ତକର ଇଂରାଜୀ ଅନୁବାଦ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ**

# ବିଶ୍ୱଭୂଷଣଙ୍କ କୃତି ଓ କୀର୍ତ୍ତି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ: ରାଜ୍ୟପାଳ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ପ୍ରବୀଣ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ପୁସ୍ତକ 'ଏ ମାଟିର ଡାକ'ର ଇଂରାଜୀ ଅନୁବାଦ 'ଦି କଲ୍ ଅଫ୍ ଦି ମଦରଲାଣ୍ଡ' ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଚଳିତ ମଇ ୮ ତାରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଅନୁବାଦିତ ପୁସ୍ତକକୁ ଲୋକାର୍ପିତ କରିବା ସହିତ ବିଶ୍ୱଭୂଷଣଙ୍କ କୃତି ଓ କୀର୍ତ୍ତି ଆଗାମୀ ପୀଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ଶ୍ରୀଯୁକ୍ତ ହରିଚନ୍ଦନ ସମୃଦ୍ଧ ସାହିତ୍ୟିକ ପରମ୍ପରାର ଜଣେ ପ୍ରବୀଣ ଲେଖକ ଓ ଯଶସ୍ୱୀ ବକ୍ତା ଭାବେ ଅନେକ ସୁନାମର ଅଧିକାର। ତାଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ଇତିହାସ, ରାଜନୀତି ଏବଂ ସମାଜ ପ୍ରତି ଥିବା ତାଙ୍କର ଗଭୀର ଅନୁଶୀଳନ ଓ ସଂପର୍କକୁ ପ୍ରତିଫଳିତ କରେ ଏବଂ ଏସବୁ ପୁସ୍ତକ ପାଠକୀୟ ପ୍ରଶଂସା ଲାଭ କରିବା ଗୌରବର କଥା। 'କଲ୍ ଅଫ୍ ଦି ମଦରଲାଣ୍ଡ' ପୁସ୍ତକରେ ପ୍ରବନ୍ଧଗୁଡ଼ିକ ଭାବ ଉଦ୍ରେକକାରୀ, ସମୃଦ୍ଧ ହୋଇଛି। ବିଶେଷକରି ଓଡ଼ିଶାର ଐତିହାସିକ ଏବଂ ସମସାମୟିକ ବାସ୍ତବତାକୁ ପ୍ରତିଫଳିତ କରୁଛି। ଓଡିଶାରେ ସାମାଜିକ ପରମ୍ପରାର ଗର୍ବିତ ଇତିହାସ ଏବଂ ପାଇକ ବିଦ୍ରୋହ - ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭଳି ପ୍ରବନ୍ଧଗୁଡ଼ିକ ଏହାର ଗୌରବମୟ ଅତୀତର ଦୃଢ଼ ଗୌରବର ଭାବନା ଜାଗ୍ରତ କରେ। ଓଡିଶାରେ ସୁପରସାଇକ୍ଲୋନର ତାଣ୍ଡବଲୀଳା ଏବଂ ପରେ ଏହାର ପୁନଃନିର୍ମାଣ ବିଷୟରେ ତାଙ୍କର ବର୍ଣ୍ଣନା ଲୋକଙ୍କ ଅଦମ୍ୟ ମନୋଭାବ ବିଷୟରେ ଅନେକ କିଛି କୁହେ। 'ହକି ମହାକୁମ୍ଭ' ଭଳି ପ୍ରବନ୍ଧଗୁଡ଼ିକ ଓଡିଶାର ସାଂସ୍କୃତିକ ଏବଂ କ୍ରୀଡ଼ା ପୁନରୁତ୍ଥାନକୁ ଜାଜ୍ଜ୍ୱଲ୍ୟମାନ କରୁଥିବା ବେଳେ, ଯେତେବେଳେ 'ଗଣତନ୍ତ୍ର ପ୍ରତି ବିପଦ' ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ପାଇଁ ଏକ ସମୟୋଚିତ ଚେତାବନୀ ଭାବରେ କାର୍ଯ୍ୟ କରେ। 'ବିପଦରେ ମାନବାଧିକାର' ପ୍ରବନ୍ଧଟି ଅନୁରୂପ ଭାବରେ ଆକର୍ଷଣୀୟ ହୋଇଛି, ଯାହା ମୌଳିକ ଅଧିକାର କ୍ଷୟ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ନିରନ୍ତର ସତର୍କତାର ଜରୁରୀ ଆବଶ୍ୟକତା ବିଷୟରେ ଗମ୍ଭୀର ଚିନ୍ତାଧାର ପ୍ରକାଶ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଶ୍ରୀଯୁକ୍ତ ବିଶ୍ୱଭୂଷଣଙ୍କ ଲେଖାରେ ତାଙ୍କର ନିଃସ୍ୱାର୍ଥପର ଚିନ୍ତାଧାରା ପ୍ରକାଶ କରିବାରେ ସ୍ୱଚ୍ଛତା ରହିଛି। ଲେଖାଗୁଡ଼ିକ ନିର୍ଭୀକ ସଚ୍ଚୋଟତା, ଗଠନମୂଳକ ସମାଲୋଚନା ଏବଂ ସମାଜର ବିବେକକୁ ଜାଗ୍ରତ କରିବା ଏବଂ ମାତୃଭୂମିର ଉନ୍ନତି ପାଇଁ ସେବା କରିବାର ଦିଗ ପ୍ରତିଫଳିତ ହୋଇଛି। ତାଙ୍କ ପ୍ରବନ୍ଧ ମାଧ୍ୟମରେ ଶ୍ରୀଯୁକ୍ତ ହରିଚନ୍ଦନ କେବଳ ସୂଚନା ଦେଇନାହାନ୍ତି, ବରଂ ପ୍ରେରଣା ଦେଇଛନ୍ତି। ନ୍ୟାୟପୂର୍ଣ୍ଣ, ସମାବେଶୀ ଏବଂ ସ୍ୱାବଲମ୍ବୀ ଓଡିଶା ଗଠନରେ ପ୍ରତ୍ୟେକ ନାଗରିକ, ନେତା ଏବଂ ଅନୁଷ୍ଠାନର ଭୂମିକା ରହିଛି ଏବଂ ପ୍ରତ୍ୟେକଙ୍କୁ ସେମାନଙ୍କର ଦାୟିତ୍ୱ ମନେ ପକାଇ ଦେଇଛନ୍ତି। ତାଙ୍କ ସ୍ୱର ଅଭିଜ୍ଞତା ଏବଂ ଆଶା, ସ୍ମୃତି ଏବଂ ସଂକଳ୍ପର ସ୍ୱର ତାଙ୍କ କଲମ ମାଟିର ଆତ୍ମାକୁ ଛୁଇଛି। ଲୋକଙ୍କୁ ଆତ୍ମ ନିରୀକ୍ଷଣ, ଗର୍ବ ଏବଂ ନୂତନ ଭାବନା ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି ବୋଲି ରାଜ୍ୟପାଳ କହିଥିଲେ। ଶ୍ରୀଯୁକ୍ତ ବିଶ୍ୱ ଭୂଷଣଙ୍କ ବାର୍ତ୍ତାକୁ ହୃଦୟଙ୍ଗମ କରି 'ଏକ ବିକଶିତ ଓଡିଶା - ବିକଶିତ ଭାରତ' ପାଇଁ ଏକାଠି ହୋଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। 'ଏ ମାଟିର ଡାକ'ର ଇଂରାଜୀ ଅନୁବାଦ ଉନ୍ମୋଚନ କରିବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ରାଜ୍ୟପାଳ କହିବା ସହିତ ଶ୍ରୀ ବିଶ୍ୱ ଭୂଷଣ ହରିଚନ୍ଦନଙ୍କର ନିରନ୍ତର ଉଜ୍ଜଳତାରେ ପରିପୂର୍ଣ୍ଣ ଦୀର୍ଘ ଜୀବନ କାମନା କରିଥିଲେ। ବହିର ଲେଖକ ତଥା ଆନ୍ଧ୍ର ପ୍ରଦେଶ ଓ ଛତିଶଗଡର ପୂର୍ବତନ ରାଜ୍ୟପାଳ ପ୍ରବୀଣ ରାଜନେତା ବିଶ୍ୱ ଭୂଷଣ ହରିଚନ୍ଦନ ବକ୍ତବ୍ୟ ପ୍ରଦାନ କରି ପୁସ୍ତକ ରଚନାରେ ନିଜର ମାର୍ମିକ ଭାବନା, ଅନୁଭବ ଓ ଉପଲବ୍ଧି ସଂପର୍କରେ ଅବତାରଣା କରିବା ସହ ଓଡିଆ ଜାତିକୁ ଆଗକୁ ନେବା ପାଇଁ ଓଡିଆ ଅସ୍ମିତାକୁ ସୁଦୂର ପ୍ରସାରୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଏତଦ୍‌ବ୍ୟତୀତ ସର୍ବଦା ସ୍ୱର୍ଦ୍ଧା, ସ୍ୱାଭିମାନର ସହ କାର୍ଯ୍ୟ କରି ଓଡିଆ ଜାତିର ଗୌରବକୁ ଋଦ୍ଧିମନ୍ତ କରିବା ପାଇଁ ତଥା ସମସ୍ତେ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡିଆ ଭାଷ, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖକ ଡ. ବିଜୟାନନ୍ଦ ସିଂହ, ଅନୁବାଦକ ଡ. ବିଜୟ କୁମାର ନନ୍ଦ, ଶିକ୍ଷାବିତ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ ବିଦ୍ୟାପୁରୀ ପବ୍ଲିକେସନର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଅପରାହ୍ଣରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଜିଲ୍ଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସ୍ଥିତି, ସେମାନଙ୍କର ସଂଖ୍ୟା ବୃଦ୍ଧି ଓ ସାଂଗଠନିକ ସୁଦୃଢ଼ କରିବା ସହିତ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସଂପର୍କିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଜନ ଗହଳିପୂର୍ଣ୍ଣ ଶିଳ୍ପାଞ୍ଚଳ ଓ ସହରରେ ଅଧିକ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମୁତୟନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ, ଅଗ୍ନିଶମ ବିଭାଗ ଡ଼ଃ.ସୁଧାଂଶୁ ଷଡଙ୍ଗୀ, ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ଃ. କମଳଲୋଚନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କର ସ୍ଥିତି ଓ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ପରାମର୍ଶ ଦିଆଯାଇଛି। ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତି ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସେମାନେ ପ୍ରାଥମିକ ଚିକିତ୍ସା, ସନ୍ଧାନ ଏବଂ ଉଦ୍ଧାର, ଅଗ୍ନିଶମ ସେବାରେ ସହାୟତା, ସ୍ଥାନାନ୍ତର ଏବଂ ପୁନରୁଦ୍ଧାର କାର୍ଯ୍ୟରେ ସାହାଯ୍ୟ କରି କ୍ଷୟକ୍ଷତିକୁ ହ୍ରାସ କରିବା, ଜୀବନ ବଞ୍ଚାଇବା ଏବଂ ସଙ୍କଟ ସମୟରେ ସାମୂହିକ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଯୋଗଦାନ କରିଥାନ୍ତି। ସେହିପରି ବିପର୍ଯ୍ୟୟ ସମୟରେ ଆଗଧାଡ଼ିରେ ରହି ସାହାଯ୍ୟ କରିଆସିଥିବା ଆପଦମିତ୍ରମାନଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହିତ ଆବଶ୍ୟକ ସମୟରେ ସେମାନଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସମେତ, ଜାତୀୟ ସେବା ସଂସ୍ଥା (ଏନଏସ୍ଏସ), ସମର ଶିକ୍ଷାର୍ଥୀ ବାହିନୀ, ନେହେରୁ ଯୁବକେନ୍ଦ୍ର, ସେଣ୍ଟ ଜୋନ ଆମ୍ବୁଲାନ୍ସ ଭଳି ସଂସ୍ଥା ସହ ବୈଠକ କରି ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମନ୍ୱୟକୁ ଅଧିକ ସୁଦୃଢ଼ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ବିଭିନ୍ନ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟା ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କ ମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ରଖିବାକୁ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ସଂକଟ ଜନକ ସମୟକୁ ସୁଯୋଗ ଓ ଆହ୍ୱାନ ବୋଲି ମନେ କରି ନିଜକୁ ପ୍ରସ୍ତୁତ ରଖିବା ସଙ୍ଗେ ସଙ୍ଗେ ଜନ ସଚେତନତା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି। ଏ ସଂପର୍କରେ ଗୁରୁତ୍ୱାରୋପ କରି ସେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ସଂପର୍କରେ ପରାମର୍ଶ ଦେଇଥିଲେ।

# ପିଏମ୍‌ଏସ୍‌ବିୱାଇରେ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଓ ୟୁନିଭର୍ସାଲ ସୋମ୍ପୋ ଜେନେରାଲ ଇନ୍‌ସ୍ୟୁରାନ୍ସ ଦ୍ୱାରା ଭଦ୍ରକ ଧାମନଗରସ୍ଥିତ ଦୋବଲ ଶାଖାର ହିତାଧିକାରୀ ଇତିଶ୍ରୀ ନାୟକଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍‌ଏସ୍‌ବିୱାଇ) ଅନ୍ତର୍ଗତ ଦାବୀ ସମାଧାନ କରାଯାଇ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଇତିଶ୍ରୀ ନାୟକଙ୍କ ସ୍ୱାମୀ ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସହ ତାଙ୍କ ମୃତ୍ୟୁ କ୍ଷେତ୍ରରେ, ମନୋନୀତ ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରାଯାଇ ଏହି ବୀମା ରାଶି ପ୍ରଦାନ କରାଯାଇଛି।

# ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ମହିଳା ଏବଂ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଲକ୍ଷ ନେଇ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ୭ ଓ ୮ ମଇରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଲକ୍ଷ୍ମୀସାଗର, ଭୁବନେଶ୍ୱର ଠାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା (ଭାପ୍ରସେ), ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଆର୍ଥିକ କାରବାର ବୁଝୁଥିବା ଜିଲ୍ଲାସ୍ତରୀୟ କର୍ମଚାରୀ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ତଥା ସଖୀ ନିବାସ ପରିଚାଳନା କରୁଥିବା ଅଣ-ସରକାରୀ ସଂଗଠନ (ଏନଜିଓ)ଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସରକାରୀ ବ୍ୟବସ୍ଥା ଏବଂ ପ୍ରୋଟୋକଲ ସହିତ ସୁସଙ୍ଗତ ହେବା ପାଇଁ ତଥା ଆର୍ଥିକ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ କ୍ଷେତ୍ରଗୁଡ଼ିକ ଉପରେ ପ୍ରତକ୍ଷ ତାଲିମ ଦେବା ଏହି କାର୍ମଶାଳାର ଲକ୍ଷ। ଏହି ଦୁଇ ଦିନିକିଆ କର୍ମଶାଳା କେବଳ ଏନଜିଓ ଗୁଡ଼ିକର ଆର୍ଥିକ ଦକ୍ଷତା ବୃଦ୍ଧି କରିବା ନୁହେଁ ବରଂ ଡକ୍ୟୁମେଣ୍ଟେସନ୍, ଅନୁପାଳନ, ପ୍ରଭାବୀ ରିପୋର୍ଟିଂ, ଆଇନଗତ ଢାଞ୍ଚା ଏବଂ ଡିଜିଟାଲ୍ ସମନ୍ୱୟ ଭଳି ପ୍ରମୁଖ ଦାୟିତ୍ୱ ବିଷୟରେ ସେମାନଙ୍କର ଧାରଣା ଆହୁରି ଶାଣିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଇଥିଲା। ଯେହେତୁ ଆଜିକାଲି ସରକାରଙ୍କ ସମସ୍ତ ଦେଣନେଣ ପ୍ରକ୍ରିୟା ଏସଏନଏ ସ୍ପର୍ଶ ପୋର୍ଟାଲ ମାଧ୍ୟମରେ ସମ୍ପାଦିତ କରାଯାଉଛି ତେଣୁ ଏହାର କାର୍ଯ୍ୟକାରିତାକୁ ପରିଚିତ କରାଇବା ତଥା ଏସଏନଏ ସ୍ପର୍ଶରେ ବିଲ୍ କିପରି ଜେନେରେଟ୍ ଏବଂ ଅପଲୋଡ୍ କରାଯିବ, ବିନିଯୋଗ ପ୍ରମାଣପତ୍ର /ଖର୍ଚ୍ଚ ବିବରଣୀ ଦାଖଲ, ପାଣ୍ଠି ପ୍ରକାଶନ ପ୍ରୋଟୋକଲ ଏବଂ ରିପୋର୍ଟିଂ ଭଳି ଜରୁରୀ କାର୍ଯ୍ୟଗୁଡ଼ିକ ଉପରେ ପ୍ରତ୍ୟକ୍ଷ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ଏଥିସହିତ ଡିଜିଟାଲ୍ ମନିଟରିଂ ଉପକରଣର ବ୍ୟବହାର ଯଥା ମିଶନ ଶକ୍ତି ଡ୍ୟାସ ବୋର୍ଡ, ଗୁଗୁଲ ଶୀଟ ଆଦିର ପ୍ରଭାବଶାଳୀ ଉପଯୋଗ ଉପରେ ମଧ୍ୟ ଆଲୋକ ପାତ କରାଯାଇଥିଲା ଯାହା ତଥ୍ୟ ପ୍ରସ୍ତୁତି, ସଂରକ୍ଷଣ ତଥା ସେୟାରିଂ ସୂଚରୁ ଓ ସରଳୀକରଣ କରିବାରେ ସହାୟକ ସାବ୍ୟସ୍ତ ହେବ।

# ପଶ୍ଚିମ ଓଡିଶାର ରେଳ ଷ୍ଟେସନଗୁଡିକର ରୂପାନ୍ତରଣ: ଅମୃତ ଷ୍ଟେସନ ଯୋଜନା ଆଣୁଛି ଆଧୁନିକ ଢାଞ୍ଚା




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଅମୃତ ଷ୍ଟେସନ ଯୋଜନାର ଅଂଶରୂପ ପଶ୍ଚିମ ଓଡିଶାର ବିଭିନ୍ନ ରେଳ ଷ୍ଟେସନଗୁଡିକର ପୁନର୍ବିକାଶ କାର୍ଯ୍ୟ ହାତକୁ ନେଇଛି ଭାରତୀୟ ରେଳ। ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡିକୁ ଆଧୁନିକ ସୁବିଧା ସହିତ ରୂପାନ୍ତରଣ କରିବା, ଯାହା ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅନୁଭବକୁ ଉନ୍ନତ କରିବା ସହିତ ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପୁନର୍ବିକାଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ରୂପାନ୍ତରଣ ସହ ଢାଞ୍ଚାରେ ବିକାଶ, ସୁବିଧାର ଆଧୁନିକୀକରଣ ଓ ନିରବଚ୍ଛିନ୍ନ ଯାତ୍ରା ସଂଯୋଗ ସୁନିଶ୍ଚିତ କରିବା ଯାହା ଯାତ୍ରୀ ସୁବିଧା ଓ ବ୍ୟବସାୟିକ ବୃଦ୍ଧି ଉଭୟକୁ ପ୍ରୋତ୍ସାହିତ କରିବ। ଓଡିଶାର ପଶ୍ଚିମ ଅଞ୍ଚଳର ଚୟନିତ ଷ୍ଟେସନର ଢାଞ୍ଚା, ପ୍ରଯୁକ୍ତି ଓ ଯାତ୍ରୀ ସେବାରେ ବ୍ୟାପକ ରୂପାନ୍ତରଣ ଦେଖିବାକୁ ମିଳିବ। ଏହି ପଦକ୍ଷେପ ଭାରତୀୟ ରେଳକୁ ଆଧୁନିକ ବନାଇବା ପାଇଁ ଚାଲୁଥିବା ଅଭିଯାନ ସହ ସମନ୍ୱୟ ରଖିଛି ଓ ସମସ୍ତଙ୍କ ପାଇଁ ସୁବିଧାଜନକ ଏବଂ ବ୍ୟବହାରକାରୀ-ମିତ୍ରପୂର୍ଣ୍ଣ ଯାତ୍ରା ଅନୁଭବ ପ୍ରଦାନ କରିବ। ରେଳ ଷ୍ଟେସନଗୁଡିକରେ ଆଧୁନିକ ମାନଦଣ୍ଡ ଅନୁଯାୟୀ ପ୍ଲାଟଫର୍ମ, ସୁନିୟୋଜିତ ଟିକେଟ୍ ବୁକିଂ ବ୍ୟବସ୍ଥା, ପ୍ରତୀକ୍ଷା କକ୍ଷ ଓ ବୃଦ୍ଧିପାଇଥିବା ସ୍ୱଚ୍ଛତା ମାନଦଣ୍ଡ ଉପଲବ୍ଧ ହେବ। ଯାହା ଯାତ୍ରୀମାନଙ୍କ ପାଇଁ ସୁବିଧା ଓ ସାନ୍ତ୍ୱନା ସୁନିଶ୍ଚିତ କରିବ। ଏହି ପୁନର୍ବିକାଶରେ ଏସ୍କେଲେଟର୍, ଲିଫ୍ଟ ସହିତ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ ହେବ ଯାହା ବୃଦ୍ଧ, ଦିବ୍ୟାଙ୍ଗଜନ ଲୋକମାନେ ଓ ଶିଶୁସହିତ ପରିବାର ସଦସ୍ୟମାନଙ୍କ ପାଇଁ ପ୍ରବେଶକୁ ଉପଯୁକ୍ତ ଓ ଅବିରାମ ସେବା ପ୍ରଦାନ କରିବ। ଷ୍ଟେସନଗୁଡିକ ଗ୍ରୀନ୍ ବିଲ୍ଡିଂ ସିଦ୍ଧାନ୍ତ ଅନୁଯାୟୀ ଉନ୍ନତ ହେବ। ଯେଉଁଥିରେ ନବୀକରଣ ଦ୍ୱାରା ରୂପାନ୍ତରଣ ସମାଧାନ, ଜଳ ସଞ୍ଚୟ ପ୍ରଣାଳୀ ଓ ବ୍ୟବସ୍ଥିତ ଅବଶିଷ୍ଟ ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ। ଏହା ଭାରତୀୟ ରେଳର ସ୍ଥାୟୀ ବିକାଶ ପ୍ରତି ପ୍ରତିଶ୍ରୁତିବଦ୍ଧତାର ସ୍ପଷ୍ଟ ପ୍ରତିବିମ୍ବ ହେବ। ପୁନର୍ବିକାଶ ଦ୍ୱାରା ଷ୍ଟେସନ ପରିସରରେ ଡ୍ରପ୍-ଅନ୍ ଓ ଡ୍ରପ୍-ଆଉଟ୍ ଲେନ୍ ସହିତ ପର୍ଯ୍ୟାପ୍ତ ପାର୍କିଂ ସ୍ଥଳ ବିକାଶ କରାଯିବ। ଯାହା ପରିଚାଳନାଗତ ଗତିଶୀଳତାକୁ ସାଧନ କରିପାରିବ। ୱାଇଫାଇ, ଡିଜିଟାଲ୍ ଡିସ୍ପ୍ଲେ, ଉନ୍ନତ ସୁରକ୍ଷା ପ୍ରଣାଳୀ, ଉନ୍ନତ ଖାଦ୍ୟ ସେବା ଓ ଆଧୁନିକ ପ୍ରତିକ୍ଷା ହଲ୍ ସହିତ ଯାତ୍ରୀ ଅନୁଭବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ରୂପାନ୍ତରିତ କରିବ। ଏହି ପୁନର୍ବିକାଶ ପ୍ରକଳ୍ପ ଦ୍ୱାରା ପର୍ଯ୍ୟଟନକୁ ଉତ୍ସାହିତ କରି ଆଞ୍ଚଳିକ ସଂଯୋଗ ବୃଦ୍ଧି କରିବ ଓ ନିଯୋଗ ସୃଷ୍ଟି କରିବା ଦ୍ୱାରା ସ୍ଥାନୀୟ ଅର୍ଥନୈତିକ ଗତିଶୀଳତାକୁ ତ୍ୱରାନ୍ୱିତ କରାଯିବ। ପଶ୍ଚିମ ଓଡିଶା ଅଞ୍ଚଳ, ଯାହା ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ବିବିଧ ପ୍ରାକୃତିକ ପରିଦୃଶ୍ୟରେ ପରିପୂର୍ଣ୍ଣ, ଏହି ଆଧୁନିକିକରଣରୁ ବିଶେଷ ଭାବରେ ଲାଭାନ୍ୱିତ ହେବ। ଏହି ପୁନର୍ବିକାଶ ପ୍ରୟାସର ଅନ୍ତର୍ଗତ ରେଳ ଷ୍ଟେସନଗୁଡିକ ହେଲେ - ରାଉରକେଲା, ବିମଳାଗଡ଼, ରାଜଗାଙ୍ଗପୁର, ପାନପୋଷ, ଝାରସୁଗୁଡା, ଝାରସୁଗୁଡା ରୋଡ଼, ବ୍ରଜରାଜନଗର, ବେଲପାହାଡ଼, ସମ୍ବଲପୁର, ସମ୍ବଲପୁର ସିଟି, ଖରିଆର ରୋଡ଼, ହିରାକୁଦ, କେସିଙ୍ଗା, ବରଗଡ଼ ରୋଡ଼, ବରପାଲି, ବଲାଙ୍ଗିର, ଟିଟିଲାଗଡ଼, କଣ୍ଟାବାଞ୍ଜି, ହରିଶଙ୍କର ରୋଡ଼, ଭବାନୀପାଟଣା, ହିମଗିର ଇତ୍ୟାଦି। ଭାରତୀୟ ରେଳ ଏହି ପ୍ରକଳ୍ପଗୁଡିକୁ ସମୟ ସୀମା ମଧ୍ୟରେ ସମାପ୍ତ କରିବାପାଇଁ ପ୍ରତିବଦ୍ଧ ଅଛି ଓ କାମ ଧାରାବାହିକ ବି ହବାରେ ପ୍ରାରମ୍ଭ କରାଯାଉଅଛି। ଏହି ପୁନର୍ବିକାଶ ଯୋଜନା ଆଗାମୀ କିଛି ବର୍ଷରେ ସଫଳ ଭାବେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି। ଝାରସୁଗୁଡା ରୋଡ଼ (୧୮.୭୭ କୋଟି ଟଙ୍କା): ଝାରସୁଗୁଡା ରୋଡ଼ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଯାହା ଆଧୁନିକ ଯାତ୍ରୀ ସୁବିଧା ସହିତ ରେଳ ଉପଭୋକ୍ତାମାନଙ୍କ ଉପଲବ୍ଧତା ପାଇଁ ଗଠିତ ହେଉଛି। ଏଥିରେ ଷ୍ଟାଫ୍ ସୁବିଧା ବ୍ଲକର ବିକାଶ, ବର୍ତ୍ତମାନ ମୌଜୁଦା ଭବନର ମୁଖଶାଳା ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର ଚୌଡ଼ା ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ମଞ୍ଚ ପୃଷ୍ଠତଳର ସୁଧାର, ଦୁଇଟି ଯାତ୍ରୀ ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ୧, ୨ ଓ ୩ରେ ଅତିରିକ୍ତ ୬ଟି ବେ ଶେଡ୍ ବିନ୍ୟାସ, ରେଳ ଗାଡ଼ି ଓ କୋଚ୍ ସୂଚନା ଫଳକ ଥିବା ବ୍ୟବସ୍ଥା, ମାନକ ସାଇନେଜ୍, ଦିବ୍ୟାଙ୍ଗଜନ ପାଇଁ ଉପଯୁକ୍ତ ସୁବିଧା ଓ ଆଧୁନିକ ଶୌଚାଳୟ ଶାମିଲ ଅଛି। ବ୍ରଜରାଜନଗର: ଓଡିଶାର ଏକ ସୁସଂଗଠିତ ଯାତାୟାତ କେନ୍ଦ୍ର ଭାବେ ପରିଚିତ ବ୍ରଜରାଜନଗର ରେଳ ଷ୍ଟେସନ ବ୍ରଜରାଜନଗର ନଗର ଓ ନିକଟବର୍ତ୍ତୀ ଅଞ୍ଚଳକୁ ସେବା ଯୋଗାଇଥାଏ ଏହି ଷ୍ଟେସନ ବହୁତ ଗୁରୁତ୍ୱପୂର୍ଣ୍ଣ ଏମସିଏଲ ଖଣିଗୁଡିକ ପାଇଁ ମଧ୍ୟ ଏକ ମୁଖ୍ୟ ସେବାକେନ୍ଦ୍ର ଭାବରେ କାର୍ଯ୍ୟ କରୁଅଛି। ଏହି ଅଞ୍ଚଳ ସାମ୍ବଲପୁରୀ କଳାକୃତି ଲାଗି ବିଶେଷ ପ୍ରସିଦ୍ଧ ଯାହା ଏଠାରେ ବିସ୍ତୃତ ଭାବେ ଦେଖିବାକୁ ମିଳେ। ପୁନର୍ବିକାଶରେ ଅନ୍ତର୍ଭୁକ୍ତ ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା - ଷ୍ଟେସନ ପରିସରର ଚଳାଚଳ ଅଞ୍ଚଳ ବିକାଶ, ଉଦ୍ୟାନ ଓ ଲ୍ୟାଣ୍ଡସ୍କେପିଂ, ଡ୍ରେନ ବିକାଶ, ଲାମିନେଟେଡ୍ ଗ୍ଲାସ୍ ଛାତ, ଟେରାକୋଟା କାର୍ଯ୍ୟ, ମୁଖଶାଳା, ବାଲୁପଥରର ବିଦ୍ରୋହ ପ୍ରତିମା - ଗୋଟିଏ, ବାଲୁପଥରର କୋଣାର୍କ ଚକ୍ର - ଗୋଟିଏ, ଓଡ଼ିଶୀ ନୃତ୍ୟ ପ୍ରତିମା - ୮ ଟି, ଫଲ୍ସ ସିଲିଂ, ପ୍ରବେଶ ପୋର୍ଟି, ଦୁଇ ଓ ଚାରି ଚକିଆ ଯାନ ପାଇଁ ପାର୍କିଂ, ରାସ୍ତା ବିକାଶ, ୱାଲ୍ ପେପର୍, ରିଜର୍ଭ ଲାଉଞ୍ଜର ଭିତର ପାନେଲିଂ। ସମ୍ବଲପୁର ସିଟି ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁଥିରେ ଆଧୁନିକ ଯାତ୍ରୀ ସୁବିଧା ସହିତ ରେଳ ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ଯାତ୍ରୀ ପରିଷେବା ଗୁଡିକର ବିକାଶ କାର୍ଯ୍ୟ ସାମିଲ ଅଛି। ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର ଚୌଡ଼ା ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ମଞ୍ଚ ପୃଷ୍ଠତଳର ଉନ୍ନତି, ଦୁଇଟି ଯାତ୍ରୀ ଲିଫ୍ଟର ବ୍ୟବସ୍ଥା, ପ୍ଲାଟଫର୍ମ ୧, ୨ ଓ ୩ରେ ଅତିରିକ୍ତ ୧୦ଟି ବେ ଶେଡ୍ ପ୍ରଦାନ, ମାନକ ସାଇନେଜ୍, ଦିବ୍ୟାଙ୍ଗଜନଙ୍କ ପାଇଁ ଉପଯୁକ୍ତ ସୁବିଧା ଓ ଶୌଚାଳୟର ଉନ୍ନତି ସାମିଲ ଅଛି। ବଲାଙ୍ଗୀର (୧୮.୦୧ କୋଟି ଟଙ୍କା): ଆଧୁନିକ ଢାଞ୍ଚା ସହିତ ନୂତନ ଷ୍ଟେସନ୍ ଭବନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ଅତିରିକ୍ତ ପ୍ଲାଟଫର୍ମ ସେଡ, ୧୨ ମିଟର୍ ଚୌଡ଼ା ଫୁଟ ଓଭର ବ୍ରିଜ, ପ୍ଲାଟଫର୍ମ ସେଡ଼ ସୁବିଧାର ସୁଧାର, ପ୍ରତୀକ୍ଷା କକ୍ଷ, ଲିଫ୍ଟ, ସର୍କୁଲେଟିଂ ଏରିଆ, ପାର୍କିଂ ଏରିଆ, ଉଚ୍ଚ ସ୍ତରୀୟ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ସୁଧାର ଏବଂ ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ପ୍ରଦାନ। ଟିଟିଲାଗଡ଼ (୩୫.୩୯ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ଉନ୍ନତିକରଣ ଦ୍ୱିତୀୟ ପ୍ରବେଶ ପଥ ପ୍ରଦାନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ଚୌଡ଼ା ଫୁଟ ଓଭର ବ୍ରିଜ ପ୍ରଦାନ, ପ୍ଲାଟଫର୍ମ ସେଡ଼ ସୁବିଧାର ସୁଧାର, ଅତିରିକ୍ତ ୨୦ ବେ ସହିତ ପ୍ଲାଟଫର୍ମ ସେଡ଼ ପ୍ରଦାନ, ତିନୋଟି ଲିଫ୍ଟ ପ୍ରଦାନ, ପ୍ରତୀକ୍ଷା କକ୍ଷ, ଉଚ୍ଚ ସ୍ତରୀୟ ସାଇନେଜ୍, ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ପ୍ରଦାନ, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ସର୍କୁଲେଟିଂ ଏରିଆ, ପାର୍କିଂ ଏରିଆ, ଶୌଚାଳୟର ସୁଧାର। କଣ୍ଟାବଞ୍ଜି (୩୩.୮୭ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ଉନ୍ନତିକରଣ, ଦ୍ୱିତୀୟ ପ୍ରବେଶ ପଥ ପ୍ରଦାନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ଚୌଡ଼ା ଫୁଟ ଓଭର ବ୍ରିଜ ପ୍ରଦାନ, ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ସେଡ଼ ସୁବିଧା, ପ୍ଲାଟଫର୍ମ ବୃଦ୍ଧି, ଅତିରିକ୍ତ ୨୨ ବେ ସହିତ ପ୍ଲାଟଫର୍ମ ସେଲ୍ ସେଲ୍ସ ପ୍ରଦାନ, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ସୁଧାର ଏବଂ ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ପ୍ରଦାନ। ଭବାନୀପାଟଣା (୧୮.୮୩ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ନବୀକରଣ, ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ସେଡ୍ ଏବଂ ଅତିରିକ୍ତ ପ୍ଲାଟଫର୍ମ ସେଡ଼ ପ୍ରଦାନ, ଷ୍ଟାଣ୍ଡାର୍ଡ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ପ୍ଲାଟଫର୍ମର ଉଚ୍ଚାୟନ ଏବଂ ଆଧୁନିକ ଶୌଚାଳୟ ସୁବିଧା ହେଉଛି ପ୍ରଧାନ ଉଦ୍ଦେଶ୍ୟଗୁଡିକ। ଅମୃତ ଷ୍ଟେସନ୍ ଯୋଜନା ମାଧ୍ୟମରେ ଓଡ଼ିଶାରେ ରେଳବେହାରୀ ମାନେ ଷ୍ଟେସନଗୁଡିକର ପୁନର୍ନିର୍ମାଣ କାର୍ଯ୍ୟ ଦ୍ୱାରା ପ୍ରୟାସ କରାଯାଇଥିବା ବିଭିନ୍ନ ଆଧୁନିକ ସୁବିଧା ଗୁଡିକର ପରିଷେବା ପାଇବେ। ଏହି ଉନ୍ନତିକରଣ ଯାତ୍ରୀ ସୁବିଧା, ଯାତାୟାତ ସୁବିଧା ଓ ପରିସ୍ଥିତିଗତ ଡିଜାଇନରେ ସୁଧାର ଉପରେ ଗୁରୁତ୍ୱ ଦିଆଯାଇଛି ଯାହା କେବଳ ଯାତ୍ରା ଅନୁଭବକୁ ଉନ୍ନତ କରିବି ନାହିଁ ବରଂ ଏହି ଅଞ୍ଚଳ ଅର୍ଥନୈତିକ ଅଭିବୃଦ୍ଧିକୁ ବଢ଼ାଇବ। ନୂତନ ସୁବିଧା ଯଥା ଲିଫ୍ଟ, ଏସ୍କାଲେଟର, ଆଧୁନିକ ସୁରକ୍ଷା ପ୍ରଣାଳୀ ଓ ପରିବେଶ ମିଳନସାର ପ୍ରକଳ୍ପଗୁଡିକ ଷ୍ଟେସନଗୁଡିକୁ ଅଧିକ କ୍ଷମତାଶୀଳ ଓ ଯାତ୍ରୀ-ମାନଦଣ୍ଡ ପ୍ରତି ବିଶେଷ ଧାନ ଦିଆଯିବ। ଏହି ପ୍ରକଳ୍ପଗୁଡିକ ଆଗକୁ ବୃଦ୍ଧି ହେବା ସହିତ ପୁନର୍ନିର୍ମାଣ କରାଯାଇଥିବା ଷ୍ଟେସନଗୁଡିକ ଓଡ଼ିଶାର ସଂସ୍କୃତିକ ଓ ପ୍ରାକୃତିକ ଧର୍ମ କୋଷକୁ ଉଦ୍ଧାର କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ରେଳବ୍ୟବହାରକାରୀ ସେବା ଏବଂ ଭିତ୍ତିଭୂମିର ଏହି ଉନ୍ନତି ଓଡ଼ିଶାର ପାଇଁ ଭବିଷ୍ୟତ ଅଭିବୃଦ୍ଧି ସୃଷ୍ଟି କରିବ।

# 'ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା'

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସୁପ୍ରିମକୋର୍ଟ ରାୟ ପରେ ବିଶ୍ୱ ବିଦ୍ୟାଳୟ ନିଯୁକ୍ତିରେ ଫିଟିଲା ବାଟ। ଆଇନଗତ ପ୍ରତିବନ୍ଧକ ହଟିବା ପରେ ପ୍ରତିକ୍ରିୟା ରଖିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ। ଲେକଚର ଓ ପ୍ରଫେସର ନିଯୁକ୍ତିରେ ଅସଙ୍ଗତି ରହିଥିଲା ତାହାକୁ ସୁପ୍ରିମକୋର୍ଟ ଦୂର କରିଛନ୍ତି। ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ କହିଛନ୍ତି। ନିଯୁକ୍ତିକୁ ନେଇ ନ୍ୟାୟକି ଅସଙ୍ଗତି ଯାହା ରହିଥିଲା ତାହା ଉଠି ସାରିଛି। ଖୁବଶୀଘ୍ର କୁଳପତି ଓ ପ୍ରଫେସର ନିଯୁକ୍ତି ଆରମ୍ଭ ହେବ। ସେଥିପାଇଁ ପ୍ରସ୍ତୁତ ଅଛୁ। ଏକା ସାଙ୍ଗରେ ଏହି ଦୁଇଟି ପ୍ରକ୍ରିୟା ଆଗକୁ ଆଗେଇବ। ଗତ ମାସରେ ରାଜ୍ୟ ସରକାର ଯେଉଁ ଅଧାଦେଶ ଆଣିଥିଲେ ତାହା ୟୁଜିସି ସହ ସମନ୍ୱୟ ରକ୍ଷା କରି ଅଣା ଯାଇଛି। ୨୦୨୦ରେ ଯେଉଁ ନୀତି ଅଣା ଯାଇଥିଲା ତାହା ୟୁଜିସିର ନିୟମକୁ ଉଲଂଘନ କରୁଥିଲା ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ କହିଛନ୍ତି।



## ନୋଟିସ୍

ଏତଦ୍ ଦ୍ୱାରା ଆମ୍ଭେ ଶ୍ରୀ ମନୋଜ କୁମାର ପାତ୍ର, ବୟସ-୩୭, ପିତା- କେ. ରଘୁନାଥ ପାତ୍ର, ଏସ୍‌ବିଆଇ କଲୋନୀ, ସତ୍ୟନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉ ଅଛୁ କି, ବ୍ୟକ୍ତିଗତ କାରଣରୁ ମୁଁ ଗତ ଏପ୍ରିଲ ୧୭ ତାରିଖ ୨୦୨୫ ମସିହାରୁ ମେସର୍ସ ପିନାକ୍ଲି ଫାର୍ମାରୁ ଇସ୍ତଫା ଦେଉଅଛି। ସପ୍ ନଂ-୧୧ ଓ ୧୨, ପ୍ଲଟ ନଂ-୪୪୧୪/ଇ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରରେ ଥିବା ସମସ୍ତ ସ୍ଥାବର, ଅସ୍ଥାବର ସଂପତ୍ତିର ମାଲିକ ଭାବେ ଏଣିକି ମୋର ଅନ୍ୟତମ ପାର୍ଟନର ଶ୍ରୀ ସଙ୍ଗୀତ ସ୍ୱରୂପ ମହାନ୍ତି ବିବେଚିତ ହେବେ। ଭବିଷ୍ୟତରେ ପିନାକ୍ଲି ଫାର୍ମାରେ କୌଣସି ଅଂଶୀଦାର ବା ପାର୍ଟନରଙ୍କୁ ସାମିଲ କରାଗଲେ ଆମ୍ଭେ କୌଣସି ପ୍ରକାର ଅଭିଯୋଗ କରିବୁ ନାହିଁ।

ସ୍ୱା/
ମନୋଜ କୁମାର ପାତ୍ର

O-133

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR

Ph. No. – 0674-2301787
Fax No.- 0674-2300965
E.Mail I.D. – eerw_bbsr@yahoo.co.in

No:-Tender – Online – BBSR Divn. – 03 Date :- 05.05.2025

**e-Procurement NOTICE**

1. Name of the work : Repair / renovation / constn. of building work
2. Total No. of Building : 4 Nos. of Buildings
3. **Class of contractor**
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 15.00 lakh to 28.50 lakh
5. Time for completion : **3 (Three) calendar** months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Additional Chief Engineer, Rural Works Division, Bhubaneswar. | Tender Online – **BBSR Divn. - 03** | 13.05.2025 at 11.00 A.M. | 22.05.2025 up to 5.00 P.M | 23.05.2025 at 11.00 A.M. |

Further details can be seen from the website **www.tendersorissa.gov.in**

OIPR-25189/11/0036/2526

Additional Chief Engineer,
Rural Works Divn.BBSR

## ସଂପାଦକୀୟ

# ପାପର ସୃଷ୍ଟି

ମୋ ମନରେ ପିଲା ଦିନରୁ ଅସୁମାରୀ ପ୍ରଶ୍ନ ଉଠେ । ସଠିକ ଉତ୍ତର ପାଏନା ଯଥା ମରୀଚିକା କେଉଁ ପର୍ବ ଶ୍ରେଣୀରୁ ଜାତ ହୁଏ । ଏହା କେଉଁ ସମୁଦ୍ରରେ ପଡ଼େ ଏପରି କାହିଁକି ? ଆମର ଦୁଇଟି ଆଖି ଅଛି । ଗୋଟିଏ ଡାହାଣ ପାଖରେ ଗୋଟିଏ ବାମ ପାଖରେ, ବାହ୍ଯରୁ ଭିନ୍ନ, ପରସ୍ପର ଠାରୁ ମଧ୍ୟ ଭିନ୍ନ । ହେଲେ ଆଖିରେ ଦୁଇଟି ଦୃଶ୍ୟ ଦେଖାଯାଏ ନାହିଁ କାହିଁକି ? ଆଖି ଦୁଇଟିର ଦୃଷ୍ଟିଭଙ୍ଗୀ ଏକ ଓ ସମାନ କାହିଁକି ହୋଇଥାଏ । ମୁଁ ହୃଦୟଙ୍ଗମ କରୁଛି ଯେ ସତଚିତ, ବିବେକ ଓ ଚେତନା ଏହିପରି ଅନେକ ଶବ୍ଦ ବ୍ୟବହାର କରୁଥିଲେ ମଧ୍ୟ ଏସବୁର କାମ ଏକ । କଦର୍ଯ୍ୟ, ଅଶ୍ଳୀ, ଅସୁନ୍ଦର, ଅଧୋପତନକାରୀ ପାପ, ଅପରାଧ ଏହା କେବେ ଠାରୁ ଜାତ, ଆମେ କାନ ଦ୍ୱାରା ଶୁଣୁଥିବା ଦୁର୍ଗୁଣ, ପରନିନ୍ଦା ଦେବନିନ୍ଦା, ଗୁଜବ ଏସବୁର ଜାତ କେବେ ହେଲା ? ଦ୍ୱେଷ ଲୋଭ ମଣିଷ ଭିତରେ କେବେ ପ୍ରବେଶ କଲା ? ଜିଭ, ମନ ଓ ହାତରେ କରୁଥିବା ଦୁଷ୍କର୍ମ, ଅନ୍ୟକୁ କଷ୍ଟ ଦେଉଥିବା ବଚନ, ଖରାପ ଆବେଗ, ଖରାପ ବାସନା, ପରନିନ୍ଦା, ବିଶୃଙ୍ଖଳା, ଅସ୍ଥିରତା, ଏସବୁରୁ ଉତ୍ପତ୍ତି କେବେ ଓ କେବେଠୁ ହେଲା ? ଗୋଟିଏ ବାକ୍ୟରେ କହିବାକୁ ହେଲେ କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ମଣିଷ ଭିତରେ କେବେ ପ୍ରବେଶ କଲା ଏହାର ଉତ୍ପତ୍ତି କେଉଁଠାରୁ ?

ଶୀତ ଦିନିଆ ସକାଳ ହୋଇଥାଏ । ମୋର ପିତା ଫୀକର ଚରଣ ପଟ୍ଟନାୟକ ନୟାଗଡ଼ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ସେ ଖୁବ କମ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା କହୁଥିବାରୁ ମୁଁ ଡରରେ ମୋର ମନ ଭିତରେ ଥିବା ଏପରି ପ୍ରଶ୍ନ ପଚାରି ପାରେ ନାହିଁ । ସେ ଅତ୍ୟନ୍ତ ସରଳ ନିଷ୍କପଟ ସ୍ୱଭାବର ବ୍ୟକ୍ତି ଥିଲେ । ଜୀବନର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲେ । ସେ ଦିନେ ଶୀତ ଦିନିଆ ସକାଳରେ ମନ୍ଦିର, ଗୀର୍ଜା, ମସଜିଦ ଗୁରୁଦ୍ୱାର ପ୍ରଭୃତିକୁ ବୁଲାଇ ନେବା ପାଇଁ ମୋର ମା ଓ ମତେ ପ୍ରସ୍ତାବ ଦେଲେ । ମତେ ଭାରି ଖୁସି ଲାଗିଲା । କାରଣ ମୁଁ ମନ୍ଦିର ଦେଖିଥିଲି । ହେଲେ ଗୀର୍ଜା, ମସଜିଦ,ଗୁରୁଦ୍ୱାର କେବେ ଦେଖି ନଥିଲି । ଆମେ ନେପାଳ ଯାଇ ପାଗୋଡା ବି ଦେଖିବା । ଗୀର୍ଜାରେ ଯାଇ ଦେଖିଲେ, ଯୀଶୁଙ୍କର ଗୋଟିଏ କ୍ରୁସବିଦ୍ଧ କାଠରେ ନିର୍ମିତ ମୂର୍ତ୍ତି କାନ୍ଥରେ ଟଙ୍ଗା ଯାଇଛି । ସ୍କୁଲ ପିଲାମାନେ ବସିବା ପରି ଡେସ୍କ ଓ ବେଞ୍ଚ ପଡ଼ିଛି । ଖ୍ରୀଷ୍ଟଧର୍ମର ଅନେକ ଭକ୍ତ ସେଠାରେ ଉପସ୍ଥିତ ଅଛନ୍ତି । ଜଣେ ପାଦ୍ରୀ ବାଇବେଲରୁ କିଛି ପଂକ୍ତି ପଢ଼ି ଶୁଣାଇଲେ । ସମସ୍ତେ ନୀରବତାର ସହିତ ସେ ସବୁ ଶୁଣୁଥିଲେ । ସେ ଇଂରାଜୀରେ କହୁଥିବାରୁ ମୁଁ ଭଲ ଭାବରେ ବୁଝି ପାରୁ ନଥିଲି । ବାହାରକୁ ଆସିବା ପରେ ମୁଁ ବାପାଙ୍କୁ ସେ କ'ଣ କହୁଥିଲେ ତାର ସାରାଂଶ କହିବାକୁ କହିଲି । ବାପା କହିଲେ, 'ଭଗବାନ ଏହି ସୁନ୍ଦର ପୃଥିବୀକୁ ଗଢ଼ିବା ସମୟରେ ଦୁଇଟି ପ୍ରାଣୀ ଜାତ କଲେ । ଜଣକର ନାମ ଆଦାମ ଓ ଅନ୍ୟ ଜଣଙ୍କର ନାମ ଥିଲା ଇଭ । ଆଦାମ ପୁରୁଷ ଓ ଇଭ ନାରୀ ଥିଲେ । ଗଛ, ଲତା, ପାଣି, ପବନ, ଅଗ୍ନି, ବାୟୁ, ଜଳ, ପର୍ବତ ସବୁ ସୃଷ୍ଟି ହୋଇଥିଲା । ସେ ଦୁଇ ଜଣ ଖୁବ ସୁନ୍ଦର ଓ ସାଥୀ ପରି ରହୁଥିଲେ । ସୃଷ୍ଟିକର୍ତ୍ତା ଏହି ଦୁଇ ଜଣକୁ ଗୋଟିଏ ଗଛର ଫଳକୁ ଦେଖାଇ କହିଥିଲେ ଏହା ତୁମ ପାଇଁ ନିଷିଦ୍ଧ ଫଳ । ଏହାକୁ କେବେ ହେଲେ ଖାଇବ ନାହିଁ । ସେ ଦୁଇ ଜଣଙ୍କ ମଧ୍ୟରେ କୌଣସି ଖରାପ ଚିନ୍ତା କିମ୍ବା ଦୁଷ୍କର୍ମ ନଥିଲା । ସେମାନେ ଅତ୍ୟନ୍ତ ପବିତ୍ର ଥିଲେ । ଦିନେ ସେମାନେ ପ୍ରଭୁଙ୍କର କଥା ନମାନି ପ୍ରଥମେ ଇଭ ଓ ପରେ ପରେ ଆଦାମ ଉକ୍ତ ନିଷିଦ୍ଧ ଫଳକୁ ଭକ୍ଷଣ କରିଥିଲେ । ସେମାନଙ୍କ ମଧ୍ୟରେ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ସୃଷ୍ଟି ହେଲା ଓ ସେହିଠାରୁ ମାନବ ଜଗତର ସୃଷ୍ଟି ।

ପାଦ୍ରୀ କହିଥିଲେ, ଏସବୁ ଘଟିଥିଲା କାରଣ ସେମାନେ ପ୍ରଭୁଙ୍କର ଆଜ୍ଞାବହ ହୋଇନଥିଲେ । ମୁଁ ବାପାଙ୍କୁ ପଚାରିଲି, ଆଜ୍ଞାବହର ଅର୍ଥ କ'ଣ ? ପିତା, ମାତା, ଗୁରୁଜନ ଏମାନଙ୍କ କଥା ଶୁଣିବାକୁ ଆଜ୍ଞାବାହ ହେବା କ'ଣ ବୁଝାଯାଏ କି ? ବାପା କହିଲେ ନା । ଆମ ଭିତରେ ସତଚିତ, ବିବେକ, ଚେତନା ରହି ଅଛି । ଏହା ସବୁ ସମୟରେ ଚେତାଇ ଦିଏ କେଉଁଠି ଠିକ କେଉଁଠି ଭୁଲ । ଆମେ ବିବେକର କଥା ନଶୁଣି, ଆଜ୍ଞାବାହ ନହୋଇ, ଇନ୍ଦ୍ରିୟ ମାନଙ୍କର କଥାରେ ପରିଚାଳିତ ହେଉ ଓ ସେହିଠାରୁ ଆରମ୍ଭ ହୁଏ ଦୁଷ୍କର୍ମ ଓ ପଶୁତ୍ୱ । ସେ ଦିନ ମୁଁ ମୋର ପିଲା ଦିନର ସମସ୍ତ ଅସୁମାରୀ ପ୍ରଶ୍ନର ଉତ୍ତର ପାଇଥିଲି । କାରଣ ପ୍ରକୃତ ଉତ୍ତର ନପାଇ ମୁଁ ମରିଚିକା ପଛରେ ଧାଇଁ ଥିଲି ଓ ମୋର ଦୁଇଟି ଆଖିର ଗୋଟିଏ ଦୃଷ୍ଟିଭଙ୍ଗୀ ଅଛି ବୋଲି ଜାଣି ପରିଥିଲି । ଭଗବାନଙ୍କର ଆଜ୍ଞାବହ ନ ହେବାହିଁ ପାପ ବୋଲି ଉଲବ୍ଧି କଲି ।

**ଅନୀତା ପଟ୍ଟନାୟକ**
**ଅବସରପ୍ରାପ୍ତ, ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ । ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାଙ୍କୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# "ଅପରେସନ୍ ସିନ୍ଦୁର: ଆତଙ୍କବାଦ ବିରୋଧରେ ଭାରତର ଲଢେଇରେ ଏକ ନୂତନ ଯୁଗ'


ସୌଭାଗ୍ୟ ରଂଜନ ମହାନ୍ତି

ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଶିବିର ବିରୁଦ୍ଧରେ ଏକ ସଠିକ୍ ଆକ୍ରମଣ, ଆତଙ୍କବାଦ ବିରୋଧରେ ଭାରତର ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା କରାଯାଇଥିବା ଏହି ଅଭିଯାନ ଦେଶର ସାମରିକ କ୍ଷମତା ଏବଂ ରଣନୈତିକ ଚମତ୍କାରିତାକୁ ପ୍ରଦର୍ଶନ କରେ ।

୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ । ଏହି ଆକ୍ରମଣ ଭାରତର ଜାତୀୟ ସୁରକ୍ଷା ପ୍ରତି ଆତଙ୍କବାଦ ଦ୍ୱାରା ସୃଷ୍ଟି ହୋଇଥିବା ନିରନ୍ତର ବିପଦର ଏକ କଠୋର ସ୍ମରଣକାରୀ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନେଇଥିଲେ ।

ସଠିକ କ୍ଷତିକୁ କମ କରିବା ଏବଂ ପାକିସ୍ତାନୀ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବା ଏଡାଇବା ପାଇଁ ଏହି ସଠିକ୍ ଆକ୍ରମଣ ଡିଜାଇନ୍ କରାଯାଇଥିଲା । ଏହି ଅଭିଯାନ ଭାରତର ସାମରିକ ଶକ୍ତି ଏବଂ ରଣନୈତିକ ସଂଯମତା ପ୍ରଦର୍ଶନ କରେ । ଭାରତୀୟ ସଶସ୍ତ୍ର ବାହିନୀ ସେମାନଙ୍କର କ୍ଷମତା ପ୍ରଦର୍ଶନ କରିଥିଲେ, ଏବଂ ଏହି ଅଭିଯାନ ପାକିସ୍ତାନକୁ ଏକ ଦୃଢ଼ କୂଟନୈତିକ ସଙ୍କେତ ପଠାଇଥିଲା । ଏହି ଅଭିଯାନ ଭାରତର ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ । ଏହା ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ଏବଂ ଯେଉଁମାନେ ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା କରନ୍ତି ସେମାନଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ । ଏହି ଅଭିଯାନ ଆତଙ୍କବାଦ ବିରୋଧୀ ଅଭିଯାନରେ ଗୁପ୍ତଚର ସଂଗ୍ରହ ଏବଂ ରଣନୈତିକ ଯୋଜନାର ଗୁରୁତ୍ୱକୁ ମଧ୍ୟ ଉଲ୍ଲେଖ କରେ । ଅନ୍ତର୍ଜାତୀୟ ସମ୍ପ୍ରଦାୟ ଅପରେସନ ସିନ୍ଦୂରକୁ ଧ୍ୟାନ ଦେଇଛନ୍ତି । ଏହି ଅଭିଯାନ ଗଣମାଧ୍ୟମରେ ବ୍ୟାପକ ଭାବରେ ରିପୋର୍ଟ ହୋଇଛି, ଏବଂ ଅନେକ ଦେଶ ଆତଙ୍କବାଦ ବିରୋଧରେ ଭାରତର ପ୍ରୟାସକୁ ସମର୍ଥନ ଜଣାଇଛନ୍ତି । ଏହି ଅଭିଯାନ ଆତଙ୍କବାଦ ବିରୋଧୀ ଅଭିଯାନରେ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରଭାବ ବିଷୟରେ ମଧ୍ୟ ଏକ ବିତର୍କ ସୃଷ୍ଟି କରିଛି । ପାକିସ୍ତାନ ଏହି ଅଭିଯାନ ପାଇଁ ଭାରତ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଛି । ତଥାପି, ଭାରତ ଏହାର ସାମରିକ କ୍ଷମତା ଏବଂ ରଣନୈତିକ ଯୋଜନାରେ ବିଶ୍ୱାସ ରଖିଛି । ଏହି ଅଭିଯାନ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଭାରତର କ୍ଷମତା ପ୍ରଦର୍ଶନ କରିଛି, ଏବଂ ଦେଶ ଏହାର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ସାହସିକ ପଦକ୍ଷେପ ନେବା ଜାରି ରଖିବ ବୋଲି ସମ୍ଭାବନା ରହିଛି । ଅପରେସନ ସିନ୍ଦୂରର ସଫଳତା ବିଭିନ୍ନ କାରଣ ଉପରେ ନିର୍ଭର କରେ, ଯେପରିକି ଆକ୍ରମଣର ପ୍ରଭାବ, ପାକିସ୍ତାନର ପ୍ରତିକ୍ରିୟା ଏବଂ ଅଂଚଳ ଉପରେ ପ୍ରଭାବ । ତଥାପି, ଗୋଟିଏ କଥା ସ୍ପଷ୍ଟ: ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଏବଂ ଏହି ଅଭିଯାନ ଦେଶର ଜାତୀୟ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ପ୍ରଭାବ ପକାଇବ । ଶେଷରେ, ଅପରେସନ ସିନ୍ଦୂର ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ନୂତନ ଯୁଗର ଚିହ୍ନିତ କରେ । ଏହି ଅଭିଯାନ ଭାରତର ସାମରିକ କ୍ଷମତା ଏବଂ ରଣନୈତିକ ଚମତ୍କାରିତାକୁ ପ୍ରଦର୍ଶନ କରେ, ଏବଂ ଏହା ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା କରୁଥିବା ଲୋକଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ । ଭାରତ ଆତଙ୍କବାଦର ବିପଦର ସମ୍ମୁଖୀନ ହେବା ସହିତ, ଅପରେସନ ସିନ୍ଦୁର ଦେଶର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ସ୍ୱରୂପ କାର୍ଯ୍ୟ କରେ । ଏହି ଅଭିଯାନ ପ୍ରଶଂସାଠାରୁ ସମାଲୋଚନା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିଛି । କେତେକ ଏହି ଅଭିଯାନକୁ ଆତଙ୍କବାଦ ବିରୁଦ୍ଧରେ ଏକ ସାହସିକ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଭାବରେ ପ୍ରଶଂସା କରିଛନ୍ତି, ଯେତେବେଳେ ଅନ୍ୟମାନେ ଏହି ଅଭିଯାନର ସମ୍ଭାବ୍ୟ ପରିଣାମ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି ।

ଭିନ୍ନ ପ୍ରତିକ୍ରିୟ ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟ: ଅପରେସନ ସିନ୍ଦୁର ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ । ଏହି ଅଭିଯାନ ଜାତୀୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଏହାକୁ ବିପଦରେ ପକାଇଥିବା ଲୋକଙ୍କ ବିରୁଦ୍ଧରେ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଚ୍ଛୁକତାକୁ ପ୍ରଦର୍ଶନ କରେ । ପରିସ୍ଥିତି ବିସ୍ତାରିତ ହେବା ସହିତ, ପାକିସ୍ତାନ ଏହି ଅଭିଯାନର କିପରି ପ୍ରତିକ୍ରିୟା ଦେବ ତାହା ଦେଖିବା ବାକି ଅଛି । ତଥାପି, ଗୋଟିଏ କଥା ନିଶ୍ଚିତ: ଭାରତ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ଏବଂ ଅପରେସନ ସିନ୍ଦୁର ଏହି ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହି ଅଭିଯାନ ଆତଙ୍କବାଦ ବିରୋଧୀ ଅଭିଯାନରେ କୂଟନୀତିର ଭୂମିକା ବିଷୟରେ ମଧ୍ୟ ପ୍ରଶ୍ନ ଉଠାଇଛି । କେତେକ ଯୁକ୍ତି ଦେଇଛନ୍ତି ଯେ ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ କୂଟନୀତି ପସନ୍ଦିତ ହେବା ଉଚିତ, ଯେତେବେଳେ ଅନ୍ୟମାନେ ବିଶ୍ୱାସ କରନ୍ତି ଯେ ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । ଶେଷରେ, ଅପରେସନ ସିନ୍ଦୁରର ସଫଳତା ବିଭିନ୍ନ କାରଣ ଉପରେ ନିର୍ଭର କରିବ, ଯେଉଁଥିରେ ହମଲାର ପ୍ରଭାବ, ପାକିସ୍ତାନର ପ୍ରତିକ୍ରିୟା ଏବଂ ଅଞ୍ଚଳ ଉପରେ ପ୍ରଭାବ ଅନ୍ତର୍ଭୁକ୍ତ । ତଥାପି, ଗୋଟିଏ କଥା ସ୍ପଷ୍ଟ: ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଏବଂ ଏହି ଅଭିଯାନ ଦେଶର ଜାତୀୟ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ପ୍ରଭାବ ପକାଇବ । ଅପରେସନ ସିନ୍ଦୁର ହେଉଛି ଭାରତର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂକଳ୍ପର ଏକ ପ୍ରମାଣ । ଏହି ଅଭିଯାନ ଦେଶର ସାମରିକ କ୍ଷମତା ଏବଂ ରଣନୈତିକ ଚମକକୁ ପ୍ରଦର୍ଶନ କରେ, ଏବଂ ଏହା ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା ପ୍ରଦାନ କରୁଥିବା ଲୋକଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ । ଭାରତ ଆତଙ୍କବାଦର ବିପଦର ସମ୍ମୁଖୀନ ହେବା ଜାରି ରଖିଥିବାରୁ, ଅପରେସନ ସିନ୍ଦୁର ଜାତୀୟ ସୁରକ୍ଷାର ଗୁରୁତ୍ୱକୁ ସ୍ମରଣ କରାଏ । ଏହି ଅଭିଯାନ ଭାରତର ଜାତୀୟ ସୁରକ୍ଷାକୁ ବିପଦରେ ପକାଇଥିବା ଲୋକଙ୍କ ବିରୁଦ୍ଧରେ ନିରନ୍ତର ସତର୍କତା ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତାକୁ ଉଜ୍ଜ୍ୱଳ କରିଥାଏ । ଶେଷ ବିଶ୍ଳେଷଣରେ, ଅପରେସନ ସିନ୍ଦୁର ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହି ଅଭିଯାନ ଜାତୀୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଯେଉଁମାନେ ଏହାକୁ ବିପଦରେ ପକାଇଛନ୍ତି ସେମାନଙ୍କ ବିରୁଦ୍ଧରେ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଚ୍ଛୁକତାକୁ ପ୍ରଦର୍ଶନ କରେ । ଅପରେସନ୍ ସିନ୍ଦୂର ସହିତ, ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ୧,୮୨ / ୫,୦୦୦ ଆତଙ୍କବାଦ ବିରୋଧରେ ଭାରତର ଲଢେଇ । ଏହି ଅଭିଯାନ ଜାତୀୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଏହାକୁ ବିପଦରେ ପକାଇଥିବା ଲୋକଙ୍କ ବିରୁଦ୍ଧରେ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଇଚ୍ଛୁକତାକୁ ପ୍ରଦର୍ଶନ କରେ । ଅପରେସନ୍ ସିନ୍ଦୂର ସହିତ, ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଏହି ଅଭିଯାନ ଦେଶର ଜାତୀୟ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ପ୍ରଭାବ ପକାଇବ, ଏବଂ ଏହା ଭାରତର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବାର ଦୃଢ଼ ପ୍ରତିପାଦନ କରେ । ଏହି ଅଭିଯାନ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିଛି, ଏବଂ ପରିସ୍ଥିତି କିପରି ହେବ ତାହା ଦେଖିବାକୁ ବାକି ଅଛି ।

ତଥାପି, ଗୋଟିଏ କଥା ନିଶ୍ଚିତ: ଭାରତ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ଏବଂ ଅପରେସନ୍ ସିନ୍ଦୂର ଏହି ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଅପରେସନ୍ ସିନ୍ଦୂର ହେଉଛି ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ । ଏହି ଅଭିଯାନ ଭାରତର ସାମରିକ କ୍ଷମତା ଏବଂ ରଣନୈତିକ ଚମକ ପ୍ରଦର୍ଶନ କରେ, ଏବଂ ଏହା ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା କରୁଥିବା ଲୋକଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ । ଅପରେସନ୍ ସିନ୍ଦୂରର ସଫଳତା ବିଭିନ୍ନ କାରଣ ଉପରେ ନିର୍ଭର କରିବ, ଯେଉଁଥିରେ ହମଲାର ପ୍ରଭାବଶାଳୀତା, ପାକିସ୍ତାନର ପ୍ରତିକ୍ରିୟା ଏବଂ ଅଂଚଳ ଉପରେ ପ୍ରଭାବ ଅନ୍ତର୍ଭୁକ୍ତ । ତଥାପି, ଗୋଟିଏ କଥା ସ୍ପଷ୍ଟ: ଭାରତ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ, ଭୁବନେଶ୍ୱର*

# ଜାତି ଜନଗଣନା ଏବଂ ରାଜନୀତି


ଗୋପାଳ ମହାପାତ୍ର

କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ସ୍ୱୀକୃତି ଦେଇଛନ୍ତି । ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି । ବିହାର ସରକାର ଜାତିଗତ ଜନଗଣନା ବହୁପୂର୍ବରୁ କରାଇଛନ୍ତି ଏପରିକି ବିରୋଧି ଦଳମାନେ କ୍ରମାଗତ ଭାବେ ଜାତି ଆଧାରିତ ଜନଗଣନା ସାରା ଦେଶରେ କରାଇବା ପାଇଁ ଦାବି କରୁଥିଲେ । ବିଜେପିର ଶୀର୍ଷ ନେତୃତ୍ୱ ବୁଝି ପାରିଥିଲା ଯେ ଜାତି ଆଧାରିତ ଜନଗଣନାର ପ୍ରସଙ୍ଗ ନିର୍ବାଚନରେ ଉଠିବ । ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ୟାବିନେଟର ରାଜନୈତିକ ମାମଲା କମିଟି ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ସହ ଜାତି ଗଣନା କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜନଗଣନା କେନ୍ଦ୍ର ସରକାରଙ୍କ ଅଧିକାର କ୍ଷେତ୍ରରେ ରହିଛି କିନ୍ତୁ କେତେକ ରାଜ୍ୟ ସରକାର ସର୍ବେକ୍ଷଣ ନାମରେ ଅଣପାରଦର୍ଶୀ ପ୍ରକ୍ରିୟାରେ ଜନଗଣନା କରାଇଛନ୍ତି । ଏହା ସମାଜରେ ସନ୍ଦେହ ସୃଷ୍ଟି କରିଛି । କିନ୍ତୁ କଂଗ୍ରେସ ପକ୍ଷରୁ ଭିନ୍ନ କଥା କୁହାଯାଇଛି, କଂଗ୍ରେସ ମହାଶଚୀବ ଜୟରାମ ରମେଶ କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜାତିଗତ ଜନଗଣନା କରିବା ପାଇଁ ରାଜି ହୋଇଛନ୍ତି ।

ବିହାର ବିଧାନସଭାକୁ ଦୃଷ୍ଟିରେ ରଖି ସରକାର ଏପରି କରିବା ପାଇଁ ନିଷ୍ପତ୍ତି ନେଇଥିବା କଥା ଯାହା ବିରୋଧି କହୁଛନ୍ତି ତାହା ସଂପୁର୍ଣ୍ଣ ଠିକ୍ ନୁହେଁ । କାରଣ ଜାତିଗତ ଜନଗଣନ ବିହାର ପାଇଁ କିଛି ନୂଆ କଥା ନୁହେଁ । ବିହାର ସରକାର ଜାତିଗତ ସର୍ବେକ୍ଷଣ କରାଇ ସାରିଛନ୍ତି । ବିହାରରେ ୬୫ ପ୍ରତିଶତ ସଂରକ୍ଷଣ ଦିଆଯାଇଛି । ତେଲେଙ୍ଗାନାରେ ମଧ୍ୟ ଏପରି ହୋଇଛି । ସଂରକ୍ଷଣ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମ୍ କୋର୍ଟର ୧୯୬୨ ମସିହା ସେପ୍ଟେମ୍ବର ୨୮ ତାରିଖର ମାମଲା ପ୍ରଣିଧାନ ଯୋଗ୍ୟ । ଏମ୍ ଆଇ ବାଲାଜି ବନାମ ଷ୍ଟେଟ ଅଫ ମହୀଶୁର ମାମଲାରେ ମାନ୍ୟବର ସୁପ୍ରିମ୍‌କୋର୍ଟ କହିଥିଲେ ଯେ ସଂରକ୍ଷଣ ୫୦ ପ୍ରତିଶତ ସୀମା ମଧ୍ୟରେ ରହିବା ଉଚିତ୍ । ସୁପ୍ରିମ୍ କୋର୍ଟ ଯାହା ରାୟ ଦେଇଥିଲେ ସେ କଥା ସମ୍ବିଧାନରେ ନାହିଁ । ଅର୍ଥାତ୍ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହେବନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ନାହିଁ କିମ୍ବା ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଦକର ମଧ୍ୟ ଏକଥା କହି ନାହାଁନ୍ତି । ୧୯୯୨ ମସିହା ନଭେମ୍ବର ୧୬ ତାରିଖରେ ଇନ୍ଦିରା ସାହାଣୀ ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାର ଏକ ଗୁରୁତବପୂର୍ଣ୍ଣ ରାୟ ଶୁଣାଇଥିଲେ ମାନ୍ୟବର କୋର୍ଟ ଓ କୋର୍ଟଙ୍କ ଏହି ରାୟ ପରେ ମଣ୍ଡଳ କମିଶନଙ୍କ ଶୁପାରିଶ ଲାଗୁ କରାଯାଇଥିଲା । ଏହା ସଂବିଧାନର ବୁନିଆଦି ସଂରଚନାର ବିରୋଧି ନୁହେଁ କିନ୍ତୁ ଗୋଟିଏ ସର୍ତ୍ତ ରଖାଯାଇଥିଲା ଯେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ପଛୁଆ ବର୍ଗଙ୍କ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ । ୧୯୯୨ ପରେ କେତେକ ରାଜ୍ୟ ସଂରକ୍ଷଣ ସୀମା ବୃଦ୍ଧି କରିଥିଲେ । ଏକମାତ୍ର ରାଜ୍ୟ ତାମିଲନାଡୁର ସଂରକ୍ଷଣ ଆଇନକୁ ୯ମ ସୂଚୀରେ ସାମିଲ କରାଯାଇଥିଲା । ୯ମ ସୂଚୀର ଅର୍ଥ ହେଉଛି ଯେ ଏହା ନ୍ୟାୟାଳୟ ଦ୍ୱାରା ସଂରକ୍ଷିତ ଅଟେ, ନ୍ୟାୟାଳୟ ଏଥିରେ ପରିବର୍ତ୍ତନ କରିପାରିବେ ନାହିଁ । ତାମିଲନାଡୁରେ ସଂରକ୍ଷଣ ୬୯ ପ୍ରତିଶତ ରହିଛି କିନ୍ତୁ ଏହା ମଧ୍ୟ ଅଣ ସାମ୍ବିଧାନିକ ନୁହେଁ । ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏଇଥିପାଇଁ କହୁଛନ୍ତି କାରଣ ସୁପ୍ରିମ୍ କୋର୍ଟ ଏହାକୁ ଅଣ ସାମ୍ବିଧାନିକ କହିବ । ବିହାରରେ ଜନତାଦଳ (ୟୁ)- ଆରଜେଡିର ମିଳିତ ସରକାର ଥିବା ବେଳେ ଜାତିଗତ ସର୍ବେକ୍ଷଣ କରାଯାଇଥିଲା ଏବଂ ୬୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଥିଲା ଯାହାକୁ ପାଟନା ହାଇକୋର୍ଟ ଖାରଜ କରିଦେଇଥିଲେ । ସେ ବାବଦରେ ଏକ ମାମଲା ଏବେ ବି ସୁପ୍ରିମ୍ କୋର୍ଟରେ ବିଚାରାଧିନ ରହିଛି । ଏବେ ସରକାର ଯେତେ ଯାହା କହିଲେ ବି ଯେ ପର୍ଯ୍ୟନ୍ତ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇ ନ ଦିଆଯାଇଛି ସେ ପର୍ଯ୍ୟନ୍ତ ବିହାରରେ ୬୫ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଅନେକ ସାମାଜିକ ରାଜନୈତିକ ବିଶ୍ଳେଷକଙ୍କ ମତରେ ଜାତି ଜନଗଣନା ସାଧ୍ୟ ନୁହେଁ ଏକ ସାଧନ ଅଟେ । ଏହାକୁ ଦଳିତ, ଅନ୍ୟ ପଛୁଆ ବର୍ଗ ଏବଂ ଆଦିବାସୀଙ୍କ ବିରୁଦ୍ଧରେ ମଧ୍ୟ ପ୍ରୟୋଗ କରାଯାଇପାରେ – ଏହା ଦୁଇପଟ ଧାରଥିବା ଏକ ଖଣ୍ଡାଭଳି ।

ଦୀର୍ଘ ସମୟଧରି ଜାତି ଜନଗଣନା ପାଇଁ କରାଯାଉଥିବା ଦାବି ରାଜନୈତିକ ଦୃଷ୍ଟିରୁ ପୁରଣ ହୋଇଛି । ବିଜେପି ବ୍ୟତୀତ ଅନ୍ୟ ସବୁ ରାଜନୈତିକ ଦଳ ଏଥିପାଇଁ ଦାବି କରୁଥିଲେ । ଏବେ ବିଜେପି ମଧ୍ୟ ରାଜି ହୋଇଯାଇଛି । ଏହାକୁ ବହୁଜନ ଆନ୍ଦୋଳନର ଏକ ବିଜୟ ବୋଲି କୁହାଯାଇପାରେ । କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଜାତି ଜନଗଣନା ହେଲେ ଭାରତର ବହୁ ସଂଖ୍ୟକ ବଞ୍ଚିତ ସମୁଦାୟକୁ ଯେ ଅନେକ କିଛି ମିଳିଯିବ ସେ କଥା ଭାବିବା ଭୁଲ ଅଟେ । କିନ୍ତୁ କେଉଁମାନେ ପ୍ରବଞ୍ଚନାର ଶୀକାର ହୋଇଛନ୍ତି ଓ କେଉଁମାନେ ଦେଶର ସଂଶୋଧନର ଅଧିକ ଉପଯୋଗ କରୁଛନ୍ତି ସେକଥା ଜଣାପଡିଯିବ ଯଦି ଠିକ୍ ଭାବରେ ଜାତି ଗଣନା ହେବ । ଜାତି ଜନଗଣନାରୁ ଯେଉଁ ତଥ୍ୟ ମିଳିବ ତାର ଦୁରୁପଯୋଗ ମଧ୍ୟ ହୋଇପାରେ । ପ୍ରଥମତଃ ଭାରତୀୟ ସମ୍ବିଧାନ କଥାକୁ ବିଚାରକୁ ନିଆଯାଇପାରେ । ଭାରତର ସମ୍ବିଧାନ ନ୍ୟାୟପୁର୍ଣ୍ଣ, ସମତାମୂଳକ, ବନ୍ଧୁତା ଆଧାରିତ, ସମସ୍ତଙ୍କ ସ୍ୱତନ୍ତ୍ରତା ଏବଂ ମର୍ଯ୍ୟଦାର ସମ୍ମାନ କରୁଥିବା ଗଣତାନ୍ତ୍ରିକ ଭାରତ କଥା କହୁଛି । କିନ୍ତୁ ଭାରତର ସମ୍ବିଧାନ ଯାହା କହୁଛି ତାହା ହୋଇପାରୁଛି କି ? ଉତ୍ତର ହେଉଛି ନୁହଁ । ଏଭଳି ନହୋଇ ପାରିବାର କାରଣ କଣ ? ସମ୍ବିଧାନରେ କିଛି ତୃଟି ବା ଦୁର୍ବଳତା ଅଛି କି ? ଉତ୍ତର ହେଉଛି ନା । ତେବେ କାରଣ କ'ଣ ? ଏହାର ଉତ୍ତର ଡଃ ଆମ୍ବେଦକରଙ୍କର ସମ୍ବିଧାନ ସମ୍ପର୍କୀତ ବୟାନ ନ୍ତସମ୍ବିଧାନ ଯେତେ ଭଲ ହେଉ କିନ୍ତୁ କିଛି କରି ପାରିବ ନାହିଁ, ସବୁ କିଛି ନିର୍ଭର କରେ ସମ୍ବିଧାନ ଦ୍ୱାରା ସୃଜିତ ସାମ୍ବିଧାନିକ ସଂସ୍ଥା ସଂସଦ, କାର୍ଯ୍ୟକାଳିକା, ନ୍ୟାୟପାଳିକା, ନିର୍ବାଚନ କମିଶନ ଙ୍କ କାର୍ଯ୍ୟଶୈଳୀ ଉପରେ ନିର୍ଭର କରେ ।ନ୍ତ ଆମ୍ବେଦକର ଏକଥା ମଧ୍ୟ କହିଥିଲେ ଯେ ସମ୍ବିଧାନ ଖରାପ ହେଲେ ମଧ୍ୟ ଉତ୍ତମ ଲୋକ ଏହାର ସଠିକ୍ ବ୍ୟବହାର କରିପାରିବେ । ଏଣୁ ଜାତି ଜନଗଣନା ହେଲେ କ'ଣ ଫଳାଫଳ ମିଳିବ ସେକଥା । ଜାତି ଜନଗଣନା ପରେ ହିଁ ଜଣାପଡିବ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ:୯୪୩୮୪୮୫୦୯୪*

# ତୁମ ଠୁ ଆରମ୍ଭ, ତୁମଠି ଶେଷ


ଡାକ୍ତର ସମ୍ରାଟ କର

ହେ ମହାପ୍ରଭୁ ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା । ତୁମଠୁ ଆରମ୍ଭ, ତୁମଠି ଶେଷ । ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ । ଅଗତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି । ତୁମେ ଦେବତା ହେଲେ ମଧ୍ୟ ତୁମ ଭିତରେ ପୁରି ରହିଛି ତମାମ ମଣିଷ ପଣିଆ । ଆମପରି ତୁମେ ବି ବଡ଼ି ଭୋରରୁ ଉଠ, ସ୍ନାନ, ମାଜଣା କର ସକାଳଠୁ ବିଶ୍ରମକୁ ଯିବା ପର୍ଯ୍ୟନ୍ତ ଷାଠିଏ ପଉଟି ଭୋଗ ନୈବେଦ୍ୟ ହୋଇଥାଏ । ରାତିରେ ନିଦ ଯାଅ ଆଉ ବର୍ଷର ବିଭିନ୍ନ ଋତୁ ଅନୁଯାୟୀ କେବଳ ବେଶ ବଦଳାଇ ନଥାଅ ବରଂ ଭିନ୍ନ ଭିନ୍ନ ପୋଷାକ ପିନ୍ଧ ଆଉ ଆଚରଣରେ ତ ସେ ଠିକ ଆମ ଭଳି । ସେ ହେଉଛନ୍ତି ଦଇତା ମାନଙ୍କର ଜ୍ଞାତି, ବନ୍ଧୁ ଆଉ କୁଟୁମ୍ବ ଓ ସହୋଦର । ଠିକ ଏଇଥିପାଇଁ ତୁମର ନବକଳେବର ସମୟରେ ଦଇତାମାନେ ତୁମ ନିମିତ୍ତ ଶୌଚ ହୁଅନ୍ତି, ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି ସତରେ ମଣିଷରୂପୀ ଏପରି ଦେବତା ସମଗ୍ର ବିଶ୍ୱରେ ବିରଳ । ତୁମେ ଓଡ଼ିଆ ଜାତିର କୁଳ ଦେବତା । ଆମ ସତ୍ତା, ଭାବ, ଭକ୍ତି, ଶକ୍ତି, ଶ୍ରୀଜଗନ୍ନାଥ । ହେ ଦାରୁ ଦେବତା ! ସବୁ ତୁମରି ଲୀଳା । ତୁମେ ଇଚ୍ଛା କଲ, ଶବର ଦେବତାରୁ ହେଲ ବିଶ୍ୱ ନିୟନ୍ତା । ଆଜି ତୁମରି ଇଚ୍ଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର । କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ । ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ । ଦର୍ଶନ କରେ, ମନ ପୁରେନି । ଅଭାବବୋଧକୁ ଧରି ଘରକୁ ଫେରେ ।

କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ୍ତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ । କବିର କବିତାରେ, ନାଟକର ସଂଳାପରେ, ଧାରାବାହିକ ଭାସ୍ୟକାରଙ୍କ ଭାବ ବିଶ୍ଳେଷଣରେ ସବୁଠି, ସବୁ କ୍ଷେତ୍ରରେ, ସବୁ ରୂପରେ, ସବୁ ଭାବରେ ତାଙ୍କ କରୁଣାର ଧାରା ପ୍ରବାହିତ ହୋଇଥାଏ । ମହାକୁମ୍ଭ ଘାଟରୁ ଦୁନିଆର ହାଟ ପର୍ଯ୍ୟନ୍ତ ଯାହାଙ୍କ ମହିମା, କରୁଣା, ଲୀଳା ବିସ୍ତାରିତ ସେ ହେଉଛନ୍ତି ଆମ କୋଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ । ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି । ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ । ପ୍ରତିଟି ଓଡ଼ିଆ ସିଏ ଯେଉଁଠି ରୁହନ୍ତୁ ନା କାହିଁକି ତାଙ୍କ ସକାଳର ପ୍ରଥମ ପ୍ରାର୍ଥନା ଓ ଭାବ ସମର୍ପଣ ରହିଥାଏ ମହାବାହୁ ଶ୍ରୀଜଗନ୍ନାଥଙ୍କ ପାଖରେ । ପ୍ରତିଟି ଓଡ଼ିଆ ଘରର ମୁରବୀ ହେଉଛନ୍ତି ସେହି ଜଗତରନାଥ କାଳିଆ ସାଆନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତ୍ତମ' ଏହିପରି ବିଭିନ୍ନ ନାମରେ । ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ । ପିଲାଟିର ନାମକରଣ ହେଉ ବା ଅନ୍ନପ୍ରସନ୍ନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ୍ୟ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ । ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଇଥାନ୍ତି । ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସଭୁଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି । ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ । ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ । ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା । ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ । ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ । ବନ୍ଧୁ ସଂଙ୍ଗଳିବା ହେଉ ବା ନୂଆ ବନ୍ଧୁ ଆରମ୍ଭ ହେଲାବେଳେ ମହାପ୍ରସାଦ ପୁଡ଼ିଆ ପ୍ରେରଣ ହୋଇଥାଏ ଶୁଭ ସଙ୍କେତ ଭାବରେ । ଚିଠି ଗୁଆର ନିମନ୍ତ୍ରଣ ସହିତ ମହାପ୍ରସାଦ ପଠାଇବାର ବିଧି ମଧ୍ୟ ରହିଛି । ଘରେ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ ହୁଏ । ବିବାହ ବନ୍ଧନର ପୂର୍ବ ନିର୍ବନ୍ଧ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକା ଯାଇ ବୈବାହିକ ସମ୍ବନ୍ଧ ଘୋଷିତ ହୋଇଥାଏ । କହିବାକୁଗଲେ ଏହି ସମ୍ବନ୍ଧ ବା ସମ୍ପର୍କକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ ହୋଇଥାଏ । ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ହୋଇଥାଏ ବାଗଦତ୍ତ ଓ କନ୍ୟାଟି ହୋଇଥାଏ ବାଗଦତ୍ତା । ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ । ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି । ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ । ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ । ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ । ମହାପ୍ରସାଦ ମାଧ୍ୟମରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ । ମହାପ୍ରଭୁଙ୍କ ପବିତ୍ର ଅବଢ଼ା କୁଡୁଆକୁ ଦାଣ୍ଡ ପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି କୋଟି ଓଡ଼ିଆଙ୍କ ବିଶ୍ୱାସ । ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳଇ ବୋଲି ବିଶ୍ୱାସ ରହିଛି । ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି । ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ । ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି । ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା । ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି । ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆମ ଓଡ଼ିଆ ଜାତିର ଏକମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶା ବାହାରେ ଓ ବିଦେଶରେ ଓଡ଼ିଶାରୁ ଆସିଛି କହିଲେ ପ୍ରାୟତଃ ଅନେକ ଓଡ଼ିଶାକୁ ହଠାତ୍ ନ ଚିହ୍ନି ପାରୁଥିଲେ 'ଜଗନ୍ନାଥ ଦେଶ' କହିଲେ ସମସ୍ତେ ଭାବପୂର୍ଣ୍ଣ, ହୃଦୟପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ହୋଇଯାଇଥାନ୍ତି । ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ଜାତି ଆଜି ବିଶ୍ୱ ଦରବାରରେ ମୁଖ୍ୟତଃ ହିଁ ପରିଚିତ । ଶ୍ରୀଜଗନ୍ନାଥ ସଂସ୍କୃତିରେ କାଳକ୍ରମେ କେତେକ ପରିବର୍ତ୍ତନ ଦେଖା ଦେଇଥିଲେ ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ସଂସ୍କୃତି କହିଲେ ଅସଂଗତ ହେବନାହିଁ । ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ । ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି । ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ବିଭିନ୍ନ ସ୍ଥାନରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ



ବରଗଡ, (ଡିକେ ନ୍ୟୁଜ): ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଜରୁରୀ କାଳୀନ ଶାଖା ଆନୁକୂଲ୍ୟରେ ରେଡ଼କ୍ରସ ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରେଡ଼କ୍ରସର ପ୍ରତିଷ୍ଠାତା ସାର ଜନ ହେନେରୀ ଡୋନାଣ୍ଟଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିବାପରେ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ନିଷ୍ଠାପର ଭାବେ ଲୋକଙ୍କୁ ସରକାରୀ ସେବା ଯୋଗାଇବାକୁ ଆହ୍ୱାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ସମେତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଜିଲ୍ଲା ରେଡ଼କ୍ରସ ସୋସାଇଟି ପ୍ରେସିଡେଣ୍ଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଲୋକଙ୍କ ମନରେ ମାନବିକତାର ଶିକ୍ଷା ଦେବା ପାଇଁ ରେଡ଼କ୍ରସ ଭଳି ଏକ ଅନୁଷ୍ଠାନ ଦୃଷ୍ଟାନ୍ତ, ଆମେ ସମସ୍ତେ ନିଜ ପରିବାରର ପିଲା, ଯୁବକ, ଯୁବତୀଙ୍କୁ ମାନବିକତା, ସହନଶୀଳତା, ଆଦି ଶିକ୍ଷା ଦେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାର ଜରୁରୀ କାଳୀନ ଡେପୁଟି କଲେକ୍ଟର ସୁଶ୍ରୀ ମଧୁସ୍ମିତା ସାମଲକାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ସମସ୍ତ କର୍ମକର୍ତ୍ତାଙ୍କ ସମେତ ଜିଲ୍ଲାର ସାମାଜିକ ସେବା ଅନୁଷ୍ଠାନ, ରେଡ଼କ୍ରସ ସୋସାଇଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଖୋର୍ଦ୍ଧା, (ଡିକେ ନ୍ୟୁଜ):** ଜିଲ୍ଲା ପ୍ରେସ କ୍ଲବର ସକ୍ରୀୟ ସଦସ୍ୟ, ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ଖୋର୍ଦ୍ଧା ଜିଲ୍ଲା ଶାଖାର ସଭାପତି ତଥା ଯୁବ ସମାଜସେବୀ ପ୍ରକାଶ କୁମାର ହାତୀଙ୍କ ଆହ୍ୱାନକ୍ରମେ, ରୋଗ ବିଶେଷଜ୍ଞ ଡାକ୍ତର ହର ପ୍ରସନ୍ନ ତ୍ରିପାଠୀ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ବିଶିଷ୍ଟ ସମାଜସେବୀ, ସଞ୍ଜୟ ପଟ୍ଟନାୟକ, ପ୍ଲାବନ ପଟ୍ଟନାୟକ, ଖୋର୍ଦ୍ଧା ଗୋଶାଳାର ପ୍ରତିଷ୍ଠାତା ରାଧା ମୋହନ ପ୍ରଧାନ,



ବିଶ୍ୱ ଥାଲେସେମିୟା ଦିବସ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଏମଓ (ଏମଏସ) ଡାକ୍ତର ମନୋରଞ୍ଜନ ରାଉତ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଓୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତଥା ଜିଲ୍ଲା ପ୍ରେସକ୍ଲବର ଉପଦେଷ୍ଟା ତପନ କୁମାର ନାୟକ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରେସକ୍ଲବ ଉପସଭାପତି ପ୍ରସନ୍ନ କୁମାର ପାଇକରାୟ, ଲଳିତ ମୋହନ ମହାପାତ୍ର, ଯୁବ ସମାଜସେବୀ ପ୍ରଭାତ କୁମାର ପାଣିଗ୍ରାହୀ, ଶୁଭାକାନ୍ତ ମହାପାତ୍ର, ରଞ୍ଜିତ ପାଟଶାଣୀ, ଗୋପାଳ ପ୍ରଧାନ, ରଞ୍ଜିତ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚର୍ମ କଂଗ୍ରେସ ନେତ୍ରୀ ସୋନାଲି ସାହୁ, ବିଜେପି ନେତ୍ରୀ ଶୁଚିସ୍ମିତା ମିଶ୍ର, ଶୋଭନ ଘୋଷ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରି ଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତର ଅଭାବ ଏବଂ ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଆଖି ଆଗରେ ରଖି ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ବେଳେ ବହୁ ସଂଖ୍ୟାରେ ଯୁବକ, ଯୁବତୀ ଏହି ଶିବିରକୁ ଆସି ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ଡାକ୍ତର ସୌରଭ ସୁନ୍ଦରାୟ, ଝାନସୀ ରାଣୀ ପାତ୍ର, ଅରୁଣ ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଏବଂ ଶ୍ରୀକାନ୍ତ ସାମନ୍ତସିଂହାର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଏକ ଅଗ୍ରଣୀ ସଂଗଠନ ଭାବେ ଜିଲ୍ଲା ପ୍ରେସକ୍ଲବର ଏପରି ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

**ଝାରସୁଗୁଡ଼ା, (ଡିକେ ନ୍ୟୁଜ):** ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରେଡ କ୍ରସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଷ୍ଟେଟ ରିସୋର୍ସ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ନାୟକ, ଅଜୟ ପଟେଲ, ସସ୍ମିତା ଜେନା, ଲୋକନାଥବାରିକ, ଗୋବିନ୍ଦ ପ୍ରଧାନ ତଥା ବ୍ରିନ୍ଦା ପାସ୍‌ୱାନ ଏବଂ ଲୋକମାନଙ୍କୁ ସର୍ବତ ବାଣ୍ଟି ଥିଲେ। ସେହି ଜୁନିଅରସ୍‌ମାନେ ହେଲେ ରାକ୍ଷୀ ଯାଦବ, ପ୍ରଭା କୁମାରୀ, ଶ୍ରିଷ୍ଟି ଚନ୍ଦ୍ର, ରୀମ କୁମାରୀ, ରଶ୍ମି ରାୟ, ଆୟେଶା ଛତ୍ରିଆ, ସ୍ୱେତା କୁମାରୀ



ପର୍ସନ ସୁଶ୍ରୀ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ରେଡ କ୍ରସ୍‌ର ପ୍ରତିଷ୍ଠାତା ଜନ୍ ସାର୍ ହେନେରି ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଜୁନିଅରସ୍‌ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଜୁନିଅରସ୍‌ମାନେ ଗଛ ରୋପଣ କରିବା ସହିତ ଗୋଲାଇ ଛକରେ ଥିବା ପରିବା ବଜାରକୁ ଯାଇ ରାଏ, ରଶ୍ମି ରାୟ, ନିଭା ଛତ୍ରିଆ, ପୂଜା କୁମାରୀ ଥିଲେ। ଏହା ଜିଲ୍ଲା ନିରିକ୍ଷ ଡ. ରାଧାକାନ୍ତ ଗର୍ଡିଆଙ୍କ ନିର୍ଦ୍ଦେଶରେ ହୋଇଥିଲା।

**ପୁରୀ, (ଡିକେ ନ୍ୟୁଜ):** ରେଡକ୍ରସ ବିଶ୍ୱର ସର୍ବ ବୃହତ ମାନବ ସେବାକାରୀ ଅନୁଷ୍ଠାନୟପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟର ସମ୍ମୁଖୀନ ମଣିଷମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବ ପ୍ରଥମେ ପହଞ୍ଚି ଥାଏ। ଯୁଦ୍ଧ କ୍ଷେତ୍ରରେ ଭେଦଭାବ ନ ରଖି ସେବା ବିଶେଷ କରି ରାସ୍ତା ଦୁର୍ଘଟଣାର ଶିକାର ବ୍ୟକ୍ତିମାନଙ୍କୁ ଗୋଲଡେନ ପିରିୟଡ଼ ମଧ୍ୟରେ ଉଦ୍ଧାର କରି ସେବା ଯୋଗାଇଲେ ଅନେକ ମୂଲ୍ୟବାନ ଜୀବନ ବଞ୍ଚିପାରିବ ବୋଲି ସେ କହିଥିଲେ। ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ




ଦେଇଥାଏ। ସେହିପରି ପୁରୀ ଜିଲ୍ଲା ରେଡକ୍ରସ ଶାଖା ମାନବସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ତାହାକୁ ଆହୁରି ପରିବ୍ୟାପ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଆହ୍ୱାନ ଦେଇଛନ୍ତି। ଗୁରୁବାର ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀବେହେରା ଉପୋରକ୍ତ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ରେଡ଼କ୍ରସ ପତାକାକୁ ଉତ୍ତୋଳନ କରିବା ସହିତ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଓ ରେଡକ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବେହେରା କହିଥିଲେ ସେବା ଏକ ଐଶ୍ୱରୀୟ ଗୁଣ। ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନୟସମାଜରେ ବିଭିନ୍ନ ସେବାରେ ବ୍ରତୀ ସ୍ୱେଚ୍ଛାସେବୀମାନେ ସେମାନଙ୍କ ସେବାକୁ ଜାରି ରଖିବା, ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରେଡକ୍ରସର ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା, କାର୍ଯ୍ୟ କାରିଣୀ ସଦସ୍ୟ ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ ଓ ତାଙ୍କ ସେବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରେଡକ୍ରସ ସଂଘ ପକ୍ଷରୁ ବିଶେଷ ଅବଦାନ ପାଇଁ ୮ଜଣଙ୍କୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆୟୁର୍ବେଦ ମହାବିଦ୍ୟାଳୟ ଓ କମଳା ଦେବୀ ମାତୃ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରେଡକ୍ରସ କର୍ମଚାରୀ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଧନୁପାଲି ଶିଶୁ ବିଦ୍ୟା ମନ୍ଦିରରେ ଏ'୧ ପ୍ରାପ୍ତ ଶିଶୁ ଭାଇଭଉଣୀଙ୍କ ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର, (ଡିକେ ନ୍ୟୁଜ): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ଠାରେ ଶିଶୁ ଭାଉ ଭଉଣୀଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୬ଜଣ ମେଧାବିନୀଙ୍କ ବ୍ୟତୀତ ପ୍ରାଦେଶିକ ମେଧା ବୃତ୍ତି ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପ୍ରାପ୍ତ କରିଥିବା ଶିଶୁ ଭାଇ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟ ସଭାପତି ଡ଼କ୍ଟର ଦେବେନ୍ଦ୍ର ପଣ୍ଡା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ସହ ମେଧାବିନୀମାନଙ୍କ ଜୀବନୀ ବୃତ୍ତ କଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଉପସଭାପତି ଡାକ୍ତର ଝାଙ୍କର, ସମ୍ପାଦକ ଜୟଶଙ୍କର ପାଢ଼ୀ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ସାହୁ, ସଂକୁଳ ପ୍ରମୁଖ ପ୍ରମୋଦ ପାଢ଼ୀ, ସଂକୁଳ ସଂଯୋଜକ ଦିଲୀପ ପାଢ଼ୀ, ବରିଷ୍ଠ ନାଗରିକ କମିଟିର ଉପଦେଷ୍ଟା ପ୍ରଦୀପ ପଣ୍ଡା, ରାମଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସବିତା ମହାପାତ୍ର ସଂଯୋଜନା କରିଥିଲେ।

# ବସ୍ ଧକ୍କାରେ ବାଇକ ଆରୋହୀ ମୃତ

ପାରାଦ୍ୱୀପ, (ଡିକେ ନ୍ୟୁଜ): ପାରାଦୀପ ଅଠରବାଙ୍କୀ ନିକଟ ତାରିଣୀଗଡାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ବାଇକ୍ ପଛପଟୁ ପିଟିଲା ଯାତ୍ରୀବାହୀ ବସ୍। ଘଟଣାସ୍ଥଳରେ ବାଇକ ଆରହୀଙ୍କ ମୃତ୍ୟୁ। ମରଣଯନ୍ତା ପାଲଟିଛି ପାରାଦ୍ୱୀପ ରାଜ ରାସ୍ତା, ପ୍ରତିଦିନ ରାଜରାସ୍ତାରେ ଗଡୁଛି ମୁଣ୍ଡ ଅକାଳରେ ଝଡି ପଡୁଛି ନିରୀହ ଜୀବନ। ସୂଚନାନୁଯାୟୀ ପାରାଦୀପ ଇଲେକ୍ଟ୍ରିକାଲ ଡିଭିଜନରେ ଡିଏଲାର୍ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଅଜିତ ହେମରମ୍ କାର୍ଯ୍ୟ ସାରି ନିଜ ଘର ପାରାଦୀପଗଡକୁ ଯାଉଥିବା ସମୟରେ ପଛପଟୁ ଦୃତଗତିରେ ଆସୁଥିବା ଅର୍ଣ୍ଣପୂର୍ଣ୍ଣା ନାମକ ବସ୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପାରାଦୀପ ବନ୍ଦର ଇଲେକ୍ଟ୍ରିକାଲ ଡିଭିଜନର ଡିଏଲାର୍ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଅଜିତ ହେମରମ୍, ବୟସ ୩୮ ବୋଲି ଜଣାପଡିଛି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ବେଳେ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ପାରାଦ୍ୱୀପ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରୁଛି।

# ନାକଟିଦେଉଳ ବନାଞ୍ଚଳରେ ଦନ୍ତା ହାତୀର ଉପଦ୍ରବ



ସମ୍ବଲପୁର, (ଡିକେ ନ୍ୟୁଜ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳରେ ଗତ କିଛି ଦିନ ହେଲା ଜଙ୍ଗଲୀ ହାତୀ ପଲଙ୍କ ଉପଦ୍ର ଜାରି ରହିଥିବା ବେଳେ ଦନ୍ତା ହାତୀର ଉତ୍ପାତ ଲୋକଙ୍କ ନିଦ ହଜାଉ ଦେଇଛି। ଗତ ସୋମବାର ଭୋର ସକାଳୁ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବାଟଗାଁ ଫରେଷ୍ଟ ସେକ୍ସନର କେଲୋବେର୍ଣ୍ଣ ଗ୍ରାମରେ ଏହି ଦନ୍ତା ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହିତ ଲୋକଙ୍କ ଘର ଦ୍ୱାର ଭାଙ୍ଗି ଦେଇଥିବା ଜଣାପଡିଛି। ଜଙ୍ଗଲ ବିଭାଗ ଏବଂ ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଥିବା ଏହି ଗୋଟିକିଆ ଦନ୍ତା ହାତୀ ସୋମବାର ଭୋର ପ୍ରାୟ ୪ଟା ସମୟରେ କେଲୋବେର୍ଣ୍ଣ ଗ୍ରାମ ଭିତରେ ପ୍ରବେଶ କରି ଗାଁ ମୁଣ୍ଡରେ ଥିବା ଭାସ୍କର ନାଏକ ଏବଂ ଗୌରୀ ନାଏକଙ୍କ ଘର ଭାଙ୍ଗି ରୁଜି ଦେଇଥିଲା। ଏକ ଘରକିଆ ଏହି ଦନ୍ତା ହାତୀଟି ପ୍ରଥମେ ଗ୍ରାମର ମୁଣ୍ଡରେ ଥିବା ଗୌରୀ ନାଏକଙ୍କ ଘରେ ଆକ୍ରମଣ କରିଥିଲା। ତେବେ ଗୌରୀ ନାଏକ ଘରେ ଏକୁଟିଆ ରହୁଥିବା ବେଳେ ଏହି ଦନ୍ତା ହାତୀ ସେଠାରେ ପହଞ୍ଚି ତାଙ୍କର ଘର ପଥର କାନ୍ଥ ଭାଙ୍ଗି ଘର ଭିତରୁ ଦୁଇ ବସ୍ତା ଧାନ ସହିତ ଚାଉଳ ଖାଇ ଯାଇଥିଲା। ଏଥି ସହିତ ନିକଟସ୍ଥ ଘର ଭାସ୍କର ନାଏକଙ୍କ ଘରର ଟାଇଲ ଛପର ମଧ୍ୟ ଭାଙ୍ଗି ରୁଜି ଦେଇଥିଲା ତେବେ ଏହି ଦନ୍ତା ହାତୀ ଆକ୍ରମଣରେ ଗୌରୀ ନାଏକ ଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘରର ପଛ ପାଖ କାନ୍ଥ ହାତୀ ଭାଙ୍ଗୁ ଥିବା ବେଳେ ଘର ଭିତରେ ଶୋଇଥିବା ଗୌରୀ ନାଏକଙ୍କ ପରିବାର ଲୋକେ ଜାଣି ପାରି ବାହାରକୁ ବାହାରି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଅପର ପକ୍ଷରେ ଏହି ଦନ୍ତା ହାତୀ ଗ୍ରାମର ଭାଗିରଥି ଧଳଙ୍କ ବାଡ଼ିରେ ପଶି ଆଖୁ, କଦଳୀ ଏବଂ ବିଲାତିଆଳୁ ଚାଷରେ ବ୍ୟାପକ କ୍ଷୟକ୍ଷତି ଘଟାଇ ଥିବା ଅଭିଯୋଗ ହୋଇଛି। ତେବେ କେଲୋବେର୍ଣ୍ଣ ଗ୍ରାମରେ ହାତୀ ଉପଦ୍ର ସମ୍ପର୍କରେ ଖବର ପାଇ ବାଟଗାଁ ସେକ୍ସନର ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଦନ୍ତା ହାତୀକୁ ଘଉଡ଼ାଇ ବା ସହ ବାଟଗାଁ ଫରେଷ୍ଟର ଦିଲ୍ଲୀପ କୁମାର ବେହେରା ହାତୀ ଆକ୍ରମଣରେ କ୍ଷତିଗ୍ରସ୍ତ ଲୋକଙ୍କ ଘରେ ପହଞ୍ଚି ତଦନ୍ତ କରି ପଦକ୍ଷେପ ନେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଗତ କିଛି ଦିନ ହେଲା ଏହି ଦନ୍ତା ହାତୀ ନାକଟିଦେଉଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ଲୋକଙ୍କ ଘର ଦ୍ୱାର ସବୁ ଭାଙ୍ଗି ରୁଜି ଦେଉଛି।

# ମିଶନ ସିନ୍ଦୁର ବିଜୟ ଉତ୍ସବ ପାଳିତ




ସମ୍ବଲପୁର, (ଡିକେ ନ୍ୟୁଜ): ଭାରତୀୟ ଜନତା ପାର୍ଟି ସମ୍ବଲପୁର ତରଫରୁ ଆୟୋଜିତ ମିଶନ ସିନ୍ଦୁର ବିଜୟ ଉତ୍ସବ ଗୋଲବଜାର ଛକରେ ବିଶେଷ ଉତ୍ସାହ ଓ ଦେଶଭକ୍ତି ମନୋଭାବ ସହ ପାଳିତ ହୋଇଯାଇଛି। ପାକିସ୍ତାନ ଓ ଧର୍ମବିରୋଧୀ ଶକ୍ତିମାନଙ୍କ ଉପରେ ଦେଶର ଦୃଢ଼ ଜବାବ ଭାବେ ଦେଖାଯାଇଥିବା ମିଶନ ସିନ୍ଦୁରର ବିଜୟକୁ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା, ଜନସାଧାରଣ ଓ ନାଗରିକମାନେ ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଭିଭାଷଣ, ଦେଶଭକ୍ତି ମୟ ସ୍ଲୋଗାନ ଓ ଜାତୀୟ ପତାକା ଧରି ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଗର୍ବ ଜାଗ୍ରତ କରାଯାଇଥିଲା। ବକ୍ତାମାନେ ଦେଶର ସ୍ୱାଭିମାନ ଓ ସଂସ୍କୃତିକୁ ରକ୍ଷା କରିବାରେ ମିଶନ ସିନ୍ଦୁରର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଭାରତୀୟ ଜନତା ପାର୍ଟି ସମ୍ବଲପୁର ତରଫରୁ ଏହି ବିଜୟ ଉତ୍ସବ ମାଧ୍ୟମରେ ଦେଶଭକ୍ତି, ଏକତା ଓ ଧାର୍ମିକ ସ୍ୱାଭିମାନକୁ ପୁନଃ ସ୍ମରଣ କରାଯିବାକୁ ଉଦ୍ୟମ ହୋଇଥିଲା। ଏଥିରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ବହିଦାର, ସିମାଞ୍ଚଳ ଖଟେଇ, ଶିବ କୁମାର ଅଗ୍ରୱାଲ, ବିଷ୍ଣୁ ପ୍ରସାଦ ରକ୍ଷିତ, କାର୍ତ୍ତିକ ବହିଦାର, ଗୋଲକ ବିହାରୀ ମିଶ୍ର, ପ୍ରଦୀପ ବୋହିଦାର, ସୁନୀଲ ନନ୍ଦ, ପ୍ରଦୀପ ବେହେରା, ଅଶ୍ୱିନି ମାଝୀ, ତପନ ମାଝୀ, ଶିବ ନାରାୟଣ ବେହେରା, ଟୁକୁ ମହାନ୍ତି, ସରୋଜ ଘଡ଼ାଇ, ଶମ୍ଭୁ ବାରେଲିଆ, ନୀଳାମ୍ବର ସିକନ୍ଦର, ଜୁଜୁ ତିୱାରି, ମୁନ୍ନା ତିୱାରୀ, ରାଜା ବରାଳ, ମନୋଜ ସାହୁ, ବିଶ୍ୱଜିତ ଦେହୁରୀ, ଅଜୁ ସେନାପତି, ଦେବାଶିଷ ପୁରୋହିତ, ଗିରିଜା ଶଙ୍କର ସାହୁ, ଜୟନ୍ତ କୁମାର ଦାଶ, ଦୟାନିଧି ପ୍ରଧାନ, ରୁପେଶ କୁଅଁର, ସନ୍ତୋଷ ସାହୁ, ବଳରାମ ମହାପାତ୍ର, ଅଜ୍ଜୁ ତାଣ୍ଡିଆ, ଅନିଲ ସୁନା, କିଶୋର ମେହେର, ରିଙ୍କୁ, ଯୁଗଳ ରେଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶମ ଶ୍ରେଣୀରେ ଏ'୧ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କଲେ ଜିଲ୍ଲାପାଳ




ଢେଙ୍କାନାଳ, (ଡିକେ ନ୍ୟୁଜ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଦଶମ ଶ୍ରେଣୀରେ ଏ-୧ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ ସେ ନିଜର ଅତୀତର ସ୍ମୃତି ସ୍ୱରୂପ କହିଥିଲେ ଯେ, ସେ ତାଙ୍କ ସମୟରେ ଦଶମ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିଲେ ଯାହାକି ତାଙ୍କୁ ତଥା ତାଙ୍କ ପରିବାର ପାଇଁ ବହୁତ ଖୁସି ଓ ଗର୍ବ ଆଣିଦେଇଥିଲା। ଏହାସହିତ ସେ କହିଥିଲେ ଛାତ୍ରଛାତ୍ରୀ ନିଜର ଆଗାମୀ ଭବିଷ୍ୟତ ପାଇଁ ନିଜର ଲକ୍ଷ୍ୟ ଏବେଠାରୁ ସ୍ଥିର କରିବା ଦରକାର ଓ ସେହି ପଥରେ ଆଗେଇବା ଦରକାର। ଜିଲ୍ଲାରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉତ୍ତମ ପରୀକ୍ଷା ଫଳ ପାଇଁ ଟେଷ୍ଟ ପରୀକ୍ଷାରେ ଯେଉଁ ପିଲାମାନେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିଲେ ଏହିଭଳି ୫୦୦ ଛାତ୍ରଛାତ୍ରୀଙ୍କୁ କୋଚିଂ ପ୍ରଦାନ କରାଯାଇଥିଲା। ଯେଉଁଠାରେ ପିଲାମାନେ ଆବାସିକ ଭାବେ ବିଦ୍ୟାଳୟରେ ରହି କୋଚିଂ ଗ୍ରହଣ କରିଥିଲେ। ଏଠାରେ ପିଲାମାନଙ୍କୁ ବିଭିନ୍ନ ବିଷୟର ବିଷୟ ବିଶାରଦମାନେ ପୁଙ୍ଖାନୁପୁଙ୍ଖ ଭାବେ ପିଲାମାନଙ୍କ ବିଷୟ ସମ୍ପର୍କରେ ଜ୍ଞାନ ଦେଇଥିଲେ। ଏହାସହିତ କେଉଁ ଭଳି ପ୍ରଶ୍ନର ଉତ୍ତର ପ୍ରଦାନକଲେ ଭଲ ମାର୍କ ମିଳିବ ଓ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର କିଭଳି କରିବେ ସେ ସବୁ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଥିଲା। ଏହାସହିତ ଏହି ପ୍ରଶିକ୍ଷଣ ଶିବିରରେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ସେମାନଙ୍କୁ ଯୋଗ, ପ୍ରାଣାୟାମ ଭଳି ବ୍ୟାୟାମ ମଧ୍ୟ କରାଯାଇଥିଲା। ଯାହାକି ଶିକ୍ଷା ପ୍ରଦାନ ପଦ୍ଧତିର ଗୁଣବତ୍ତାକୁ ବଢ଼ାଇ ପାରିଥିଲା। ଏହି କୋଚିଂ କାର୍ଯ୍ୟକ୍ରମରେ ବିଷୟ ବିଶାରଦମାନେ ରହି ଦିନରୁ ରାତି ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ଏ'୧ ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ସେମାନେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସେମାନେ ନିଜର ଅଭିଜ୍ଞତାରେ ଏହି ଆସପାୟର କୋଚିଂ କାର୍ଯ୍ୟକ୍ରମକୁ ଏକ ଅଭିନ ପ୍ରୟାସ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ବିଷୟ ବିଷୟରେ ଅଧିକରୁ ଅଧିକ ଜାଣିବା ସହିତ ପରୀକ୍ଷାରେ ପ୍ରଶ୍ନର ଉତ୍ତର ଦେବା ଶୈଳୀରେ ଉନ୍ନତି ପରିଲକ୍ଷିତ ହେଇଥିଲା। ଏହାସହିତ ଗଣିତ ବିଷୟରେ ବହୁତ ସଂକ୍ଷିପ୍ତ ସୂତ୍ର ମଧ୍ୟ ଏଠାରେ ଶିକ୍ଷା ଦିଆଯାଇଥିବାରୁ ତାହା ବି ପରୀକ୍ଷାରେ ବହୁତ ସାହାର୍ଯ୍ୟ କରିଛି ବୋଲି ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି।

# ଶିକ୍ଷାଅନୁଷ୍ଠାନ ଗୁରୁକୃପା ପକ୍ଷରୁ ରକ୍ତଦାନ ଶିବିର

ଉମରକୋଟ, (ଡିକେ ନ୍ୟୁଜ୍): ବିଭିନ୍ନ ସମୟରେ ରକ୍ତ ଅଭାବରେ ମୂଲ୍ୟବାନ ଜୀବନ ଚାଲିଯାଉଛି। କେତେକାଂଶରେ ଏହାର କୁପ୍ରଭାବ ପୁରା ପରିବାର ଉପରେ ପଡୁଥିବା ଦେଖିବାକୁ ମିଳୁଛି। ଏହିପରିପେକ୍ଷୀରେ ବିଭିନ୍ନ ସମାଜ ମଙ୍ଗଳ ପାଇଁ କାର୍ଯ୍ୟକ୍ରମ ମାନ କରୁଥିବା ଉମରକୋଟ ସ୍ଥିତ ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୃପା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ରକ୍ତଦାନ ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉମରକୋଟ ଏବଂ ଗୁରୁକୃପା ମେଡ଼ିକାଲ୍ କଲେଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ, ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡଃ.ସବ୍ୟସାଚୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଉମରକୋଟ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ବିଧିବଦ୍ଧ ଭାବେ ଫିତା କାଟି ଏହି ରକ୍ତଦାନ ଶିବିରର ଶୁଭଉଦଘାଟନ କରିଥିଲେ ଏବଂ ପରିଶେଷରେ ଗୁରୁକୃପା ପରିବାରର ସମସ୍ତ ସଦସ୍ୟ ଏବଂ ସଦସ୍ୟାମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ରକ୍ତ ଅଭାବରେ କାହାର ଜୀବନ ହାନୀ ହେବାକୁ ଦିଆଯିବ ନାହିଁ ବୋଲି ଗୁରୁକୃପା ଶିକ୍ଷା ଅନୁଷ୍ଠାନର ପରିଚାଳକ ମନୋଜ ପାଢ଼ୀ କହିଥିବା ବେଳେ, ସମସ୍ତ ରକ୍ତଦାତାମାନଙ୍କୁ ଏବଂ ଶିବିର ପରିଚାଳନାରେ ସହଯୋଗ କରିଥିବା ସମସ୍ତଙ୍କୁ ଗୁରୁକୃପା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଧ୍ୟାପିକା ଇଂ.ଚନ୍ଦନା ମଲ୍ଲିକ ସାଧୁବାଦ ଜଣାଇଥିଲେ।

# ପୋଖରୀରେ ବୁଡ଼ି ନାବାଳକ ମୃତ୍ୟୁ

ବୁଗୁଡ଼ା, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଡାକରାବାଡି ଉଚ୍ଚପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ସାଇରାମ ସ୍ୱାଇଁ (୯) ବୁଧବାର ସକାଳେ ପୋଖରୀ ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ଆଜିକୁ ପ୍ରାୟ ୬ ବର୍ଷ ପୂର୍ବେ ତାଳସାକର ଗ୍ରାମର ସାଇରାମ ସ୍ୱାଇଁଙ୍କ ମା ଓ ବାପା କୌଣସି କାରଣରୁ ମୃତ୍ୟୁବରଣ କରିଥିବା ବେଳେ ସାଇରାମ ତାଙ୍କ ଅଜା ଘର ଡାକରାବାଡିରେ ରହି ପାଠ ପଢୁଥିଲେ। ବୁଧବାର ଅଜାଙ୍କ ସହିତ ସାଇରାମ ଗୌଡିଆ ବୋରୋଦା ଭୋଜି ଖାଇବାକୁ ଯାଇଥିଲେ। ସକାଳେ ଗୌଡ଼ିଆ ବରୋଦା ଗ୍ରାମର ପୋଖରୀକୁ ଅଜାଙ୍କ ସହିତ ଗାଧୋଇବା ପାଇଁ ଯାଇଥିବା ବେଳେ ପୋଖରୀର ଗଭୀର ପାଣି ଭିତରକୁ ସାଇରାମ ଚାଲି ଯାଇଥିଲେ ଏବଂ ସେଠାରୁ ସାଇରାମକୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା ହେଲେ ଡକ୍ଟର ସାଇରାମକୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ବୁଗୁଡ଼ା ପୋଲିସ ମର ଶରୀରକୁ ଜବତ କରି ୮/୨୫ ପ୍ରକାରେ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପାଇଁ ପଠାଇ ଥିବା ଜଣା ପଡ଼ିଛି।

# ଓକିଲ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଅନୁଗୋଳ, (ଡିକେ ନ୍ୟୁଜ୍): ଅନୁଗୋଳ ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର କାର୍ଡିୟୋଲୋଜି ଓ ନ୍ୟୁରୋଲୋଜି ବିଭାଗର ଡାକ୍ତର ଜ୍ୟୋତିମୟ ସାହୁ ଓ ଡାକ୍ତର ସୁଚିତ୍ରା ଏବଂ ତାଙ୍କ ଟିମ ଅନୁଗୋଳ ଓକିଲ ସଂଘର ସଦସ୍ୟ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କର ଚିକିତ୍ସା କରିଥିଲେ। ଓକିଲ ସଂଘର ଶତାଧିକ ସଦସ୍ୟ ଓକିଲମାନଙ୍କର ଇସିଜି, ମଧୁମେହ ଓ ରକ୍ତଚାପ ରୋଗର ପରୀକ୍ଷା କରାଯାଇଥିଲା। ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ବଳିଷ୍ଠ ଉଦ୍ୟମରେ ଏହି ଶିବିର ଅନୁଷ୍ଠିତ ହୋଇଥିବାବେଳେ ସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ରୋଗ ଦେଖାଇବାକୁ ଓକିଲମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖା ଦେଉଥିଲା।

# ଅସରାଏ ବର୍ଷାରେ ବଡ଼ଦାଣ୍ଡ ବେହାଲ



ସୁବର୍ଣ୍ଣପୁର, (ଡିକେ ନ୍ୟୁଜ୍): ଆସନ୍ତା ଜୁନ ମାସରେ ଆସୁଛି ରଥଯାତ୍ରା ସେପଟେ ସହରର ବଡ଼ଦାଣ୍ଡ ତଥା ବିଜୁ ପଟ୍ଟନାୟକ ଛକ ଠାରୁ ବଡ଼ବଜାର ଏବଂ ଗୁଣ୍ଡିଚା ମନ୍ଦିର ଠାରୁ ଗାର୍ଲ୍ସ ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେପଟେ ବିଭିନ୍ନ ସ୍ଥାନରେ ସାମାନ୍ୟ ବର୍ଷାରେ ବେହାଲ ହୋଇ ଯାଉଛି ବଡ଼ଦାଣ୍ଡ ଅବସ୍ଥା। କଲଭର୍ଟମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଦବି ଯାଇଛି। ଏନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖା ଦେଇଛି। ପୌର ପରିଷଦ ପକ୍ଷରୁ ଦୀର୍ଘ ଦିନରୁ ଆରମ୍ଭ ହୋଇଥିବା ନୂତନ ଡ୍ରେନ କାମ ମଧ୍ୟ ଇତି ମଧ୍ୟରେ ବନ୍ଦ ହୋଇଯାଇଛି। ପୌର ପରିଷଦ ପକ୍ଷରୁ ଡ୍ରେନ କାମ ପାଇଁ ସ୍ଥାନୀୟ ପ୍ରାୟ ୯୦ ଭାଗ ଲୋକ ନିଜ ନିଜ ଘର ସାମ୍ନାରେ ଡ୍ରେନ ଉପରେ ମାଡି ବସିଥିବା ସ୍ଥାନ ମଧ୍ୟ ଖାଲି କରିଦେଇଛନ୍ତି ତଥାପି ଡ୍ରେନ କାମ ଆଗକୁ ବଢି ପାରୁନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ନର୍ଦ୍ଦମା ପାଣି ସୁଅ ଛୁଟୁଥିଲା, ବେଳେ ଲୋକଙ୍କ ଘର ଭିତରକୁ ମଧ୍ୟ ପଶି ଯାଉଛି। ଏନେଇ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଲୋକେ ସାମାନ୍ୟ ତମ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଆଗକୁ ରଥଯାତ୍ରା ରାସ୍ତା ଓ ଡ୍ରେନ କାମ ଅତି ଶିଘ୍ର ନ ହେଲେ ଆଗକୁ ବଡ଼ ଆନ୍ଦୋଳନର ସାମ୍ନା କରିବ ପୌର ପରିଷଦ। ଏନେଇ ପୌର ଅଧିକାରୀ ରଷି ମାଝୀଙ୍କୁ ଯୋଗାଯୋଗ କରିବାରୁ ସେ ଦୁଃଖ ପ୍ରକାଶ କରିବା ସହ ରଥଯାତ୍ରା ଭିତରେ ସମସ୍ତ କାମ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସୂଚନା ଦେଇଥିଲେ ଯେ ପିଚୁ ରାସ୍ତା ସହ ଡ୍ରେନ କାମ ପାଇଁ ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କାର ଟେଣ୍ଡର ସରିଯାଇଛି ଏବଂ ତୁରନ୍ତ କାମ ଆରମ୍ଭ କରିବା ପାଇଁ ଆଜି ହିଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିବାକୁ ପ୍ରସ୍ତୁତି ହେଉଥିବା କହିଥିଲେ।

# ଲବଣ ସତ୍ୟାଗ୍ରହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ପୁରୀ, (ଡିକେ ନ୍ୟୁଜ୍): ବ୍ଲକ କୁହୁଡି ଠାରେ ପ୍ରତି ବର୍ଷ ମେ ୨୧କୁ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ ଭାବେ ପାଳନ କରାଯାଏ। ଏହି ଉତ୍ସବକୁ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଏହି ଉତ୍ସବକୁ ଶୃଙ୍ଖଳିତ ଓ ସୁରୁରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଲବଣ ସତ୍ୟାଗ୍ରହର ସଂଗ୍ରାମୀମାନଙ୍କୁ ଉଚିତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ଏହା ଏକ ଶୁଭ ଅବସର। ଆମ ଆଗାମୀ ପିଢି ଏହି ସତ୍ୟାଗ୍ରହ ସମ୍ପର୍କରେ ଅବଗତ ହେବା, ସଂଗ୍ରାମୀମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ ଅବଗତ ହେବା ଆବଶ୍ୟକ ବୋଲି ସେ କହିବା ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ତାହାକୁ ନିର୍ଦ୍ଧାରିତ ସମୟରେ ସମାପନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିବିଧ ପ୍ରସ୍ତାବ ମାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ପଞ୍ଚାୟତ ସମିତି ଅଧକ୍ଷ ଆରତୀ ନାଏକ, ଉପାଧକ୍ଷ ଦୁର୍ଜୟ ମିଶ୍ର, ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସଂଗ୍ରାମୀ ସ୍ମୃତି ସମିତିର କର୍ମକର୍ତ୍ତା, ଲୋକ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ନିଷ୍ପତ୍ତି ଅନୁସାରେ ମେ ୨୧ ତାରିଖ ପ୍ରାତଃ ରୁ ରାମଧୂନ ପରିବେଷଣ, ସକାଳ ୭ ଘଟିକାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ମାଲ୍ୟାର୍ପଣ, ସକାଳ ୮ ଘଟିକାରେ କୁହୁଡି ସ୍ମୃତି ପୀଠରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସଭା ଓ ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ପଞ୍ଚାୟତ ସମିତିର ଗୁରୁତ୍ୱପୂର୍ଣ୍ଣ ସ୍ୱତନ୍ତ୍ର ବୈଠକ



ଉମରକୋଟ, (ଡିକେ ନ୍ୟୁଜ): ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ୨୦୨୫-୨୬ ବର୍ଷରେ ଗ୍ରାମାଞ୍ଚଳ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ସହ ରାଜସ୍ୱ ଗ୍ରାମଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ପଞ୍ଚାୟତ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱତନ୍ତ୍ର ବୈଠକ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏଇ ସଂକେତ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତରା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ମଧ୍ୟରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ବିଡ଼ିଓ ମନୋଜ କୁମାର ମେହେର, ପଞ୍ଚାୟତ ସମିତି ଅଧକ୍ଷ ଓ ସୁଶୀଲଓ ମାଝୀ, ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ଉପାଧକ୍ଷ ସାମଲ ସରକାର, ତିନି ଜୋନର ଜିଲ୍ଲା ପରିଷଦ ବୈଠକରେ ଯୋଗ ଦେଇଥିଲେ। ଉମରକୋଟ ପଞ୍ଚାୟତ ସମିତି ଅଧୀନରେ ଥିବା ୨୬ ଗ୍ରାମ ପଞ୍ଚଓୟତ ଗୁଡିକର ଉନ୍ନତି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାର ଏହି ଯୋଜନାରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ଅନୁମୋଦିତ କରିଥିବା ସୂଚନା ଦିଆଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି, କମ୍ୟୁନିଟି ହଲ, ଷ୍ଟାଲ, ପତିତ ପୋଖରୀ ଗୁଡିକର ପୁନଃ ଉଦ୍ଧାର ଆଦି କାର୍ଯ୍ୟକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାଉଗାଁ ବ୍ଲକରେ ସ୍ଥାୟୀ ବିଡିଓ ପଦବୀ ପୂରଣ କେବେ ?

ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଦୀର୍ଘ ୩ ମାସ ହେବ ସ୍ଥାୟୀ ବିଡିଓ ପଦବୀ ଖାଲି ପଡିଛି। ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ବ୍ଲକକୁ ଆସୁଥିଲେ ମଧ୍ୟ ବିଡିଓ ନଥିବାରୁ ଅସୁବିଧା ଭୋଗୁଛନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ଏହି ପଦବୀ କେବେ ପୂରଣ ହେବ ବୋଲି ନାଉଗାଁ ଅଂଚଳର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ ଫେବୃଆରୀ ୧୪ରେ ବିଡିଓ ତପନ କୁମାର ମହାପାତ୍ରଙ୍କର ଅନ୍ୟତ୍ର ବଦଳି ହୋଇଛି। ତାଙ୍କ ସ୍ଥାନରେ ଫେବୃଆରୀ ୧୮ରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଦାୟିତ୍ୱ ନେବା ଠାରୁ ଏହି ୩ମାସ ମଧ୍ୟରେ ଶ୍ରୀ ମିଶ୍ର ମାତ୍ର ୪/୫ଥର ନାଉଗାଁ ବ୍ଲକ ଆସିଛନ୍ତି। ଜଗତସିଂହପୁର ବ୍ଲକ ଅଧୀନରେ ୩୦ଟି ଏବଂ ନାଉଗାଁ ବ୍ଲକର ୧୬ଟି ପଂଚାୟତ ରହିଛି। ଅଧିକାଂଶ ସମୟ ବିଡିଓ ଜଗତସିଂହପୁର ବ୍ଲକରେ ରହୁଥିବାରୁ ନାଉଗାଁ ବ୍ଲକର ଜନସାଧାରଣ ସେମାନଙ୍କ ସମସ୍ୟା, ଆପତି ଓ ଅଭିଯୋଗ କାହାକୁ ଜଣାଇବେ ଚିନ୍ତାରେ ପଡିଛନ୍ତି। ନିୟମିତ ବିଡିଓଙ୍କ ଅନୁପସ୍ଥିତ




ହେତୁ ଏହାର ସୁଯୋଗ ନେଇ କିଛି କର୍ମଚାରୀ ନିୟମିତ ବ୍ଲକ କାର୍ଯ୍ୟାଳୟକୁ ଆସୁ ନଥିବା ଅଭିଯୋଗ ହେଉଛି। ଫଳରେ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦ୍ଵାରା ବ୍ଲକର ବିକାଶମୂଳକ କାର୍ଯ୍ୟ ହେଉନାହିଁ ବୋଲି ଅଭିଯୋଗ ହେଉଛି। ତେଣୁ ନାଉଗାଁ ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦେଇ ଲୋକଙ୍କ ସମସ୍ୟା ଦୂର କରିବା ସହ ବିକାଶ କାର୍ଯ୍ୟ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

# ପଞ୍ଚଠାକୁରାଣୀଙ୍କ ଯାତ୍ରା ବୁଧବାରଠାରୁ ଆରମ୍ଭ



ପୁରୁଷୋତ୍ତମପୁର, (ଡିକେ ନ୍ୟୁଜ୍): ପୁରୁଷୋତ୍ତମପୁରର ଐତିହାସିକ ପଞ୍ଚଠାକୁରାଣୀଙ୍କ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ମା' କନକା ଠାକୁରାଣୀଙ୍କସମେତ କାଲୁଆ, ତାରାତାରିଣୀ,କାଳୀ ଓ ଫୁଲସୁନ୍ଦରୀ ଠାକୁରାଣୀ ଅସ୍ଥାୟୀ ମଣ୍ଡପରେ ବିଜେ କରାଇ ପୂଜାର୍ଚ୍ଚନାକରିଛନ୍ତି। ଯାତ୍ରା ଅଧିକାରୀ ରମାକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ପରମ୍ପରା ଅନୁସାରେ ୫ଜଣ ଗୋପାଳ ସମ୍ପ୍ରଦାୟର ପୁରୁଷ ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିର ନିକଟରୁ ଫୁଲଚଙ୍ଗୁଡି ଧରି ବିରାଟ ପଟୁଆରର ଶୋଭାଯାତ୍ରାରେ ଚାରୀ ଠାକୁରାଣୀଙ୍କ ମୁଖ୍ୟ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜକମାନେ ପୂଜାର୍ଚ୍ଚନା କରି ମା'ଙ୍କୁ ନିମନ୍ତ୍ରଣ କରି ଆଣିଥିଲେ। ମାତ୍ର ଫୁଲସୁନ୍ଦରୀଙ୍କୁ ମନ୍ଦିରକୁ ଯାଇ ଆମନ୍ତ୍ରିତ କରିଆଣିବା ପରିବର୍ତ୍ତେ ସହର ଉପକଣ୍ଠ ମନ୍ଦିର ସମୁଖ ଆସିକା - ହୁମା ରାସ୍ତାର କାଳୀମନ୍ଦିର ଛକ ନିକଟରେଥିବା ଏକ କଲଭର୍ଟ ଉପରୁ ଆମନ୍ତ୍ରଣକରି ଆଣିଥିଲେ। ଏହାକୁ ଦେଖିବାଲାଗି ଶହଶହ ସଂଖ୍ୟାରେ ଲୋକଙ୍କ ଭିଡ ଲାଗିଥିଲା। ଦିର୍ଘବର୍ଷ ତଳେ ଏକ ବିବାଦୀୟ ଘଟଣାକୁ ନେଇ କଟକଣା ରହିଥିବାହେତୁ ସେତେବେଳଠାରୁ ଫୁଲସୁନ୍ଦରୀଙ୍କୁ ତାଙ୍କ ମୁଖ୍ୟମନ୍ଦିର ପରିବର୍ତ୍ତେ କଲଭର୍ଟ ଉପରୁ ଆମନ୍ତ୍ରଣ କରାଯାଉଛି ଦୁଇ ବର୍ଷରେ ଥରେ ସହରକୁ ମା'ପଞ୍ଚ ଠାକୁରାଣୀ ଆସୁଥିବାରୁ ସମଗ୍ର ସହର ଲୋକାରଣ୍ୟ ହୋଇପଡିଛି। ଏହି ଯାତ୍ରା ଦିର୍ଘ ୩୧ଦିନ ଧରି ଚାଲିବା ପରେ ଜୁନ ୮ ତାରିଖରେ ଶେଷ ହେବ। ଯାତ୍ରା କମିଟି ସଭାପତି ରବିନ୍ଦ୍ରକୁମାର ପାତ୍ର, ଉପ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ପାଦକ ତ୍ରିନାଥ ପଣ୍ଡା ସହ ସମ୍ପାଦକ ରବିନାରାୟଣ ପଣ୍ଡାଓ କୋଷାଧକ୍ଷ ରବିନ୍ଦ୍ରକୁମାର ଦାଶଙ୍କ ସମେତ କମିଟିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ସହରବାସୀ ସହଯୋଗ କରିବାରେଲାଗିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ

ଯାଜପୁର, (ଡିକେ ନ୍ୟୁଜ୍): ଯାଜପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ଶାଖା ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ରେଡକ୍ରସ ଦିବସର ପାଳନ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ରେଡକ୍ରସର ମୂଳ ମନ୍ତ୍ର ହେଉଛି ମାନବ ସେବା ହିଁ ମାଧବ ସେବା। ରେଡକ୍ରସ୍ ଏକ ଗୁରୁତ୍ୱପୂର୍ଣ୍ଣ ମାନବିକ ସଂଗଠନ ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ମାନବ ସେବା। ଏହା ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଙ୍କ ଜନ୍ମଦିନକୁ ମନେ ପକାଏ। ଏହି ଦିବସରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ତଥା ଉପାଧକ୍ଷ ଜିଲ୍ଲା ରେଡକ୍ରସ ଶାଖା ଶ୍ରୀ ଯୁଧିଷ୍ଠିର ନାୟକ କହିଲେ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନା ୧୮୨୮ ମସିହା ମଇ ୮ ତାରିଖରେ ସୁଇଜରଲ୍ୟାଣ୍ଡର ଜେନେଭା ଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ମଇ ୮ ତାରିଖକୁ ରେଡକ୍ରସ ଦିବସ ଭାବେ ପାଳନ କରାଯାଏ। ହେନେରୀ ଡୁନା ଇଣ୍ଟରନେସନାଲ୍ କମିଟି ଅଫ ଦି ରେଡକ୍ରସର ପ୍ରତିଷ୍ଠାତା ଥିଲେ। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ୧୯୦୧ ମସିହାରେ ନୋବେଲ ପିସ୍ ପ୍ରାଇଜରେ ପୁରସ୍କୃତ କରାଯାଇଥିଲା। ମୁଖ୍ୟତଃ ଯୁଦ୍ଧରେ ଆହତମାନଙ୍କ ଚିକିତ୍ସା ଓ ସେବା ସୁଶ୍ରୁଶା ନିମନ୍ତେ ରେଡକ୍ରସର ସୃଷ୍ଟି ହୋଇଥିଲା। ଜରୁରୀ କାଳୀନ ପରିସ୍ଥିତି ଅବସ୍ଥା ତଥା ଯୁଦ୍ଧରେ ଆହତମାନଙ୍କୁ ଚିକିତ୍ସା ଯୋଗାଇବା କ୍ଷେତ୍ରରେ ରେଡକ୍ରସ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ଦିବସରେ ଉପସ୍ଥିତ ରହି ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ କହିଲେ ରେଡକ୍ରସ ସଂଗଠନର ପ୍ରତିଷ୍ଠାତା ହେଉଛନ୍ତି ହେନେରୀ ଡୁନା। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ୧୯୦୧ ମସିହାରେ ପ୍ରଥମେ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ କରିଥଲେ ଏବଂ ପରେ ରେଡକ୍ରସକୁ ପୁନରାୟ ୨ଥର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

# ବେଧଡକ ଚାଲିଛି ଟ୍ରେନରୁ କୋଇଲା ଚୋରି



ପାରାଦୀପ, (ଡିକେ ନ୍ୟୁଜ୍): ବର୍ଷ ବର୍ଷ ଧରି ପାରାଦୀପ ରଙ୍ଗିଆଗଡ଼ ନିକଟରେ ଟ୍ରେନ ୱାଗନରୁ କୋଇଲା ଲୁଟ୍ ହେଉଛି। ଏଭଳି ଚୋରା କାରବାର ସମ୍ପର୍କରେ ସମସ୍ତେ ଜାଣିଥିଲେ ବି ଚୁପ୍ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଘଟଣା ପଛରେ କାହାର ହାତ ରହିଛି ତାହାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ୨୦୦ ମିଟର ଦୂରରେ ଅଭୟଚନ୍ଦପୁର ଥାନା ରହିଥିବା ବେଳେ ୨୦୦ ମିଟର ଦୂରରେ ରେଳ ବିଭାଗର ଥାନା ରହିଛି। ହେଲେ ଏଭଳି ଲୁଟ୍ କିଭଳି ହେଉଛି ଆଶ୍ଚର୍ଯ୍ୟ। ରଙ୍ଗିଆଗଡ଼ ନିକଟରେ ଅଟକି ରହୁଥିବା ଟ୍ରେନ୍ ୱାଗନରୁ ପ୍ରତ୍ୟକ ଦିନ କୋଇଲା ଲୁଟ୍ ହେଉଛି। ମାଫିଆମାନେ ସ୍ଥାନୀୟ ପୋଲିସର ସହାୟତାରେ ଏଭଳି ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏହି ଚୋରା କୋଇଲାକୁ ମାଫିଆମାନେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଟ୍ରେନ୍ ଆସି ରଙ୍ଗିଆଗଡ଼ରେ ପହଞ୍ଚି ଗଲେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ଟିମ୍ ଟ୍ରେନ ୱାଗନ ଉପରକୁ ଉଠି ପାଲ ଚିରି ଲୁଟ୍ କରିଥାନ୍ତି। ସ୍ଥାନୀୟ ଗାଁ ଲୋକଙ୍କ ସହାୟତାରେ ମାଫିଆମାନେ ଏହି କାର୍ଯ୍ୟ କରୁଛନ୍ତି। ପାରାଦୀପ ବନ୍ଦରକୁ ଆସୁଥିବା କୋଇଲା ଲୁଟ୍ ପରେ ବସ୍ତା ବସ୍ତା ହୋଇ ଛୋଟ ଗାଡିରେ ରାତାରାତି ଚାଲାଣ ହୋଇଥାଏ। ଏଭଳି ପ୍ରତ୍ୟକ ଦିନ ଟ୍ରକ୍ ଟ୍ରକ୍ ଚୋରା କୋଇଲା ଚାଲାଣ କରାଯାଉଛି। ଏଭଳି ଚୋରା କାରବାର ନିର୍ଦ୍ଦିଷ୍ଟ କେତେଜଣ ମାଫିଆ କରୁଥିବା ସମସ୍ତେ ଜାଣନ୍ତି। ହେଲେ କେହି ବି ମୁହଁ ଖୋଲୁ ନାହାନ୍ତି। ବର୍ଷ ବର୍ଷ ଧରି ଏଭଳି କାରବାର ବେଧଡକ ଭାବେ ଚାଲୁଥିଲେ ବି ସେମାନଙ୍କୁ କେହି ଆଙ୍ଗୁଳି ଉଠାଇବାକୁ ସାହସ କରୁ ନାହାନ୍ତି। କେତେବେଳ, କେଉଁମାନେ ଏଭଳି କରୁଛନ୍ତି କେହି ବି ଏହାର ଟେର୍ ପାଇବା ମୁସ୍କିଲ ହୋଇଯାଉଛି। ଦୁଇ ଦୁଇଟି ଥାନା ନିକଟରେ ଥାଇ ମଧ୍ୟ କେମିତି ଏହାର ଟେର୍ ପାଉ ନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଉଭୟ ଥାନାର ଜାଣତରେ ଏଭଳି ହେଉଛି ତାକୁ ନେଇ ସନ୍ଦେହ ସୃଷ୍ଟି କରିଛି।

# 'ଧାମରା-ଚନ୍ଦନୀପାଳ ବେଳାଭୂମି ପର୍ଯ୍ୟଟନର ବିକାଶ ଅପରିହାର୍ଯ୍ୟ'

ଭଦ୍ରକ, (ହି.ସ): ଭଦ୍ରକ ଜିଲା ଧାମରା ରେ ବେଳାଭୂମିର ବିକାଶ ଅପରିହାର୍ଯ୍ୟ ଏହା କେବଳ ମୋର ମତ ନହୁଁ ଅଂଚଳବାସୀଙ୍କ ମତ ବୋଲି ମତବ୍ୟକ୍ତ କରିଥଲେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ। ଧାମରା ଅଂଚଳେର ବିକାଶ ଧାରା ଦିନକୁ ଦିନ ବଢି ବଢି ଚାଲିଥିବା ବେଳ ଆଗାମୀ ଦିନେର ଏହି ଧାରା ବଜାଇ ରହିବା ସହ ଅଂଚଳର ବିକାଶ ତ୍ୱରାନ୍ୱିତ ହେଉଥିବା ସହ ବେଳାଭୂମିର ମଧ୍ୟ ବିକାଶ ଜରୁରୀ ହୋଇ ପଡିଛି। ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରୁ ଏହି ସୁଦୀର୍ଘ ବେଳାଭୂମି ବାସୁଦେବପୁର ସହ ଯୋଡି ହୋଇଥିବା ବେଳ ଏହା ମଧ୍ୟ ଚାନ୍ଦିପୁର ସହ ଓତପ୍ରୋତ ଭାବେ ଜଡିତ। ଗତ ମାର୍ଚ୍ଚ ମାସେର ଧାମରା ଅଂଚଳବାସୀ ଏହି ବେଳାଭୂମିର ଉନ୍ନତୀକରଣ ପାଇଁ ସମାଜେସବୀ ଅତୁଲ କୁମାର ଜାନା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିଥଲେ। ଏଥିସହ ଏହି ବେଳାଭୂମିର ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ଓଡିଶା ପର୍ଯ୍ୟଟନ ବିଭାଗର ଶଚିବ ବଲୱନ୍ତ ସିଂ ଙ୍କ ମଧ୍ୟ ଏହି ଦାବୀପତ୍ର ପ୍ରଦାନ କରାଯିବା ସହ ଏହାର ଏକକିତା ନକଲ ମଧ୍ୟ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନର୍ଦେଶକ ମାନସୀ ନିମ୍ବଲଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରେ ଥିବା ସୁଦୀର୍ଘ ବେଳାଭୂମିରେ ପର୍ଯ୍ୟଟନର ବିକାଶ ହୋଇ ପାରିଲେ ବହୁ ପର୍ଯ୍ୟଟକ ଧାମରା ଆସୁଥିବା ବେଳେ ଏହି ବେଳାଭୂମିର ମଜା ମଧ୍ୟ ନେଇ ପାରେନ୍ତ ବୋଲି ଭଦ୍ରକ ଜିଲ୍ଲାପାଳ ମତ ପୋଷଣ କରିଥଲେ। ଏହାର ବିକାଶ ପାଇଁ ଭଦ୍ରକ ଜିଲ୍ଲାପାଳ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନର୍ଦେଶକଙ୍କ ସହ ଯୋଗାଯୋଗ କରିଥଲେ। ତୁରନ୍ତ ଏକ ଟେକନିକାଲ ଟିମ ମଧ୍ୟ ଆସି ଏହି ଅଂଚଳର ଉନ୍ନତି ପାଇଁ ଏକ ଡିପିଆର ପ୍ରସ୍ତୁତ କରିବା ସହ ଏହାର ଚୁଡାନ୍ତ ତଥ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରବେ। ପେର ଏହାର ଚୁଡାନ୍ତ ତଥ୍ୟ ଆସିବା ପେର ଓଡିଶା ରାଜ୍ୟ ପର୍ଯ୍ୟର୍ଟନ ବିଭାଗ ନିଶ୍ଚୟ ଭବେ ଏହି ପ୍ରକଳ୍ପ କୁ ହାତକୁ ନେଇ ଚୁଡାନ୍ତ ରୂପେରଖ ଦେବ ବୋଲି ଜିଲ୍ଲାପାଳ ମତ ରଖିଥଲେ।

# ଆନ୍ତର୍ଜାତୀୟ ଜୈବବିବିଧତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା




ଆଠମଲ୍ଲିକ, (ଡିକେ ନ୍ୟୁଜ): ଆନ୍ତର୍ଜାତୀୟ ଜୈବବିବିଧତା ଦିବସ ୨୦୨୫ ଉପଲକ୍ଷେ ସାତକୋଶିଆ ରାମସର ସାଇଟ ନିକଟବର୍ତ୍ତୀ ଉଚ୍ଚ ବିଦ୍ୟାଳୟରେ ଓଡିଶା ଜୈବବିବିଧତା ବୋର୍ଡ ଏବଂ ସହଯୋଗୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ମିଳିତ ଆନୁକୂଲ୍ୟରେ ମାଧପୁର ଉଚ୍ଚ ବିଦ୍ୟାଳୟ ଠାରେ ପ୍ରକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ ବିଷୟରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମାହାରଙ୍କ ଅଧ୍ୟକ୍ଷତାରେ ମାଧପୁର ଉଚ୍ଚ ବିଦ୍ୟାଳୟ, ମାଧପୁର, ନୀଳକଣ୍ଠପଡା ଉଚ୍ଚ ବିଦ୍ୟାଳୟ, କୁଦଗାଁ, ଲୁଣାହାଣ୍ଡି ଉଚ୍ଚ ବିଦ୍ୟାଳୟ ଲୁଣାହାଣ୍ଡି, ପୁରୁଣାମାଣିତ୍ରି ଉଚ୍ଚ ବିଦ୍ୟାଳୟ, ପୁରୁଣାମାଣିତ୍ରି ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, କମ୍ପଲାର ୪୨ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟରୁ ଦୁଇ ଜଣ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବଳରାମ ସାହୁ, ପ୍ରତିମା ନାୟକ, ହେମନ୍ତ କୁମାର ସାହୁ, ଭୂମିସୁତା କର୍ଣ୍ଣ, ଅରୁଣା ମିଶ୍ର, ଗୋକୁଳାନନ୍ଦ କଳତା, ସ୍ଥାନୀୟ ବନପାଳ ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିବା ବେଳେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା କାର୍ଯ୍ୟକ୍ରମ ଆୟୋଜନ କରଥିଲେ।

## ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ପରେ ଚର୍ଚ୍ଚା

# ଏନ୍ଏସି ତାଲିକାରୁ ରେଙ୍ଗାଲି ବାଦ୍ ପଡିଲା କି ?

ରେଙ୍ଗାଲି, (ଡିକେ ନ୍ୟୁଜ୍): ବିଜେଡି ସରକାର ଅମଳରେ ନିର୍ବାଚନ ପୂର୍ବରୁ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଏବଂ ବାମରାକୁ ଏନ୍ଏସି କରାଯିବ ବୋଲି ଘୋଷଣା କରାଯାଇଥିଲା। ନିର୍ବାଚନରେ ବିଜେଡି ପରାଜିତ ହୋଇ ବିଜେପି ସରକାର କ୍ଷମତାସୀନ ହେଲା ପରେ ପୂର୍ବ ସରକାରଙ୍କ ଏନ୍ଏସି ଘୋଷଣା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ। ତେବେ ବୁଧବାର ଏକ ବୈଦ୍ୟୁତିକ ଗଣମାଧ୍ୟମରେ ନୂତନ ଏନ୍ଏସି ଘୋଷଣା ସଂକ୍ରାନ୍ତରେ ପ୍ରସାରିତ ଖବରରେ ରେଙ୍ଗାଲି ବାଦ୍ ପଡିଥିବାର ଦେଖି ଜନସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଫେସ୍‌ବୁକ୍ ୟୁଜର୍ ରେଙ୍ଗାଲି ଓ ବାମରା ଏନ୍ଏସି ତାଲିକାରୁ କାହିଁକି ବାଦ୍ ପଡିଲା ବୋଲି ପ୍ରଶ୍ନ କରୁଥିବାର ଦେଖିବାକୁ ମିଳୁଛି। ରେଙ୍ଗାଲି ଅଞ୍ଚଳର ଜନସାଧାରଣରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରେଙ୍ଗାଲିକୁ ଏନ୍ଏସି ମାନ୍ୟତା ଦେବା ସହିତ ଆଖପାଖ ବ୍ଲକର କିଛି ପଞ୍ଚାୟତକୁ ନେଇ ରେଙ୍ଗାଲି ସବ୍ ଡିଭିଜନ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ଉଲ୍ଲେଖଯୋଗ୍ୟ ଯେ ରେଙ୍ଗାଲିକୁ ଏନଏସି ଘୋଷଣା କରାଯିବାକୁ ଦୀର୍ଘବର୍ଷ ହେଲା ଜନସାଧାରଣ ଦାବି କରିଆସୁଛନ୍ତି। ଶିଳ୍ପାୟନ ପରେ ରେଙ୍ଗାଲି ପଞ୍ଚାୟତର ଜନସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇ ୧୧ହଜାରରୁ ଉର୍ଦ୍ଧ୍ୱକୁ ଛୁଇଁଲାଣି। ରେଙ୍ଗାଲି ଗାଁରୁ ସହରରେ ପରିଣତ ହୋଇ ସାରିଲାଣି। କିନ୍ତୁ ସହର ପାଇଁ ଆବଶ୍ୟକ ମୌଳିକ ଭିତିଭୂମିର କୌଣସି ବ୍ୟବସ୍ଥା ନାହିଁ। ସହର ପାଇଁ ଆବଶ୍ୟକ ପରିମଳ, ଷ୍ଟ୍ରିଟ୍ ଲାଇଟ୍, ପାର୍କ, ଟାଉନ୍ ହଲ୍, ସ୍ୱାସ୍ଥ୍ୟ ସେବା, ପାନିୟ ଜଳ ଆଦି ମୌଳିକ ଭିତିଭୂମିର ବିକାଶ ପଞ୍ଚାୟତକୁ ଆସୁଥିବା ଅନୁଦାନରେ ସମ୍ପନ୍ନ କରାଯିବା ଅସମ୍ଭବ ହେଉଥିବାରୁ ରେଙ୍ଗାଲିକୁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରେଙ୍ଗାଲି ବିଡିଓଙ୍କ ପତ୍ରସଂଖ୍ୟା ୧୫୧୧ ତା.୧୫।୭।୨୦୧୫ ଅନୁସାରେ ତା.୩୧।୭।୨୦୧୫ ଦିନ ରେଙ୍ଗାଲି ଗ୍ରାମପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସଭାରେ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସଭାରେ ଉପସ୍ଥିତ ସମସ୍ତ ଜନସାଧାରଣ ସ୍ୱାଗତ ଓ ସମର୍ଥନ ଜଣାଇଥିଲେ। ରେଙ୍ଗାଲି ପଞ୍ଚାୟତ ସୀମାନ୍ତରେ ଥିବା ପଡୋଶୀ ପଞ୍ଚାୟତର କିଛି ଗ୍ରାମକୁ ସଂପୃକ୍ତ ଗ୍ରାମବାସୀଙ୍କ ସହମତିରେ ରେଙ୍ଗାଲି ଏନଏସିରେ ଅନ୍ତର୍ଭୁକ୍ତ କରାଯିବାକୁ ଜନଶୁଣାଣିରେ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟ ସରକାର ରେଙ୍ଗାଲି ଏନ୍ଏସି ଗଠନ ପ୍ରକ୍ରିୟା ଆରମ୍ଭ କରିବାକୁ ଜନସାଧାରଣରେ ଦାବୀ ହେଉଛି।





# ରୋହିତ ଶର୍ମାଙ୍କ ଇସ୍ତଫା ପରେ ଭାରତୀୟ ଟେଷ୍ଟ ଅଧିନାୟକ ଦୌଡ଼ରେ ଗିଲ ଆଗରେ

ମୁମ୍ବାଇ, ୮।୫ (ହି.ସ): ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକତ୍ୱରୁ ଇସ୍ତଫା ଘୋଷଣା ପରେ ଭାରତୀୟ କ୍ରିକେଟରେ ନୂଆ ନେତୃତ୍ୱ ଚୟନ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଦୌଡ଼ରେ ଯୁବ ବ୍ୟାଟସମ୍ୟାନ ଶୁଭମନ ଗିଲ ଅନ୍ୟତମ ପ୍ରମୁଖ ଦାବିଦାର ଭାବେ ଆଗରେ ରହିଛନ୍ତି। ୨୫ ବର୍ଷୀୟ ଗିଲଙ୍କ ସ୍ଥିର ପ୍ରଦର୍ଶନ, ନେତୃତ୍ୱ ଦକ୍ଷତା ଏବଂ ଦୀର୍ଘକାଳୀନ ସମ୍ଭାବନା ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଏକ ଆକର୍ଷଣୀୟ ପ୍ରାର୍ଥୀ କରିଛି। ପଞ୍ଜାବରୁ ଆସିଥିବା ଶୁଭମନ ଗିଲ ୨୦୧୮ରେ ୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତୀୟ ବିଜୟୀ ଦଳର ସଦସ୍ୟ ଥିଲେ। ତାଙ୍କର ଶାନ୍ତ ମନୋଭାବ ଏବଂ ମଇଦାନରେ ରଣନୀତିଗତ ଚିନ୍ତାଧାରା ତାଙ୍କୁ ଅଲଗା କରିଛି। ଟେଷ୍ଟ କ୍ରିକେଟରେ ଗିଲ ୨୫ ମ୍ୟାଚରେ ୧୪୯୨ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ୪ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ଗାବାରେ ତାଙ୍କର ୯୧ ରନର ଇନିଂସ



ଭାରତର ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଘରୋଇ କ୍ରିକେଟରେ ଗୁଜରାଟ ଟାଇଟନ୍ସକୁ ଆଇପିଏଲ ୨୦୨୨ରେ ଚାମ୍ପିୟନ କରାଇବା ଏବଂ ୨୦୨୩ରେ ରଣଜୀ ଟ୍ରଫିରେ ପଞ୍ଜାବ ପାଇଁ ନେତୃତ୍ୱ ଦେବା ଗିଲଙ୍କ ନେତୃତ୍ୱ କ୍ଷମତାକୁ ଆହୁରି ଉଜାଗର କରିଛି। ତାଙ୍କର ଖେଳାଳିମାନଙ୍କ ସହ ସମ୍ପର୍କ ଏବଂ କଠିନ ପରିସ୍ଥିତିରେ ଧୈର୍ଯ୍ୟ ରଖିବାର ଗୁଣ ତାଙ୍କୁ ଟିମ୍ ଇଣ୍ଡିଆର ନେତା ଭାବେ ପ୍ରସ୍ତୁତ କରୁଛି। ଗିଲଙ୍କ ସହ ଜସପ୍ରୀତ ବୁମରା, ଯିଏ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଅସ୍ଥାୟୀ ଅଧିନାୟକ ଭାବେ ଦଳକୁ ନେତୃତ୍ୱ ଦେଇଛନ୍ତି ଏବଂ ଋଷଭ ପନ୍ତ ମଧ୍ୟ ଏହି ଦୌଡ଼ରେ ଅଛନ୍ତି। ବୁମରାଙ୍କର ଅଭିଜ୍ଞତା ଏବଂ ପନ୍ତଙ୍କର ଆକ୍ରମଣାତ୍ମକ ଶୈଳୀ ସେମାନଙ୍କୁ ଶକ୍ତ ପ୍ରତିଦ୍ୱନ୍ଦୀ କରୁଛି। ତେବେ, ଗିଲଙ୍କ ଯୁବ ଉତ୍ସାହ, ଟେଷ୍ଟ ଫର୍ମାଟରେ ସ୍ଥିରତା ଏବଂ ଦୀର୍ଘମିଆଦୀ ନେତୃତ୍ୱ ପାଇଁ ସମ୍ଭାବନା ତାଙ୍କୁ ଅନ୍ୟମାନଙ୍କଠାରୁ ଆଗରେ ରଖୁଛି।

# ପାକିସ୍ତାନର ଷ୍ଟାର କ୍ରିକେଟରଙ୍କ ଘର ଉପରେ ଭାରତ କଲା ଏୟାର ଷ୍ଟ୍ରାଇକ୍ !

ନୂଆଦିଲ୍ଲୀ, ୮।୫ (ହି.ସ): ଭାରତୀୟ ସେନା ଓ ବାୟୁସେନା ମଙ୍ଗଳବାର ରାତିରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ୯ଟି ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଛି। ଏହି ଅଭିଯାନର ନାମ ଦିଆଯାଇଛି 'ଅପରେସନ ସିନ୍ଦୂର'। ଏହି ଆକ୍ରମଣ ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାର ପ୍ରତିଶୋଧ ସ୍ୱରୂପ କରାଯାଇଥିଲା, ଯେଉଁଥିରେ ୨୬ ଜଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ଏହି ୯ଟି ଟାର୍ଗେଟ ମଧ୍ୟରୁ ଗୋଟିଏ ଥିଲା ପାକିସ୍ତାନର ସିଆଲକୋଟରେ ଅବସ୍ଥିତ ହିଜବୁଲ ମୁଜାହିଦ୍ଦିନର ମେହମୁନା ଜୋୟା ଶିବିର। ଏହି ଶିବିର ଜମ୍ମୁ ଓ କାଶ୍ମୀରର କଠୁଆ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପର ନିୟନ୍ତ୍ରଣ କେନ୍ଦ୍ର ଥିଲା ଏବଂ ୨୦୧୬ରେ ପଠାନକୋଟ



ବାୟୁସେନା ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣର ଯୋଜନା ମଧ୍ୟ ଏହି ଶିବିରରୁ କରାଯାଇଥିଲା। ସିଆଲକୋଟ ପାକିସ୍ତାନୀ କ୍ରିକେଟର ଶୋଏବ ମଲିକଙ୍କ ଜନ୍ମସ୍ଥାନ ଭାବେ ମଧ୍ୟ ପରିଚିତ। ଭାରତୀୟ ସେନାର ବିବୃତି ଅନୁଯାୟୀ, ଏହି ଆକ୍ରମଣ ସମ୍ପୂର୍ଣ୍ଣ ଭାବେ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ (ଜେଇଏମ), ଲସ୍କର-ଏ-ତୋଇବା (ଏଲଇଟି) ଓ ହିଜବୁଲ ମୁଜାହିଦ୍ଦିନ ଉପରେ କେନ୍ଦ୍ରୀଭୂତ ଥିଲା। ଏହା ଏକ ସୁନିୟୋଜିତ ଓ ସୀମିତ ଅଭିଯାନ ଥିଲା, ଯେଉଁଥିରେ ପାକିସ୍ତାନୀ ସେନାର କୌଣସି ସ୍ଥାପନାକୁ ଟାର୍ଗେଟ କରାଯାଇ ନ ଥିଲା। କର୍ଣ୍ଣେଲ ସୋଫିୟା କ୍ୟୁରେଶୀ ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହଙ୍କ ନେତୃତ୍ୱରେ ଏହି ଅଭିଯାନର ସୂଚନା ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଛି।

# ଭାରତର ଜୋରଦାର ଆକ୍ରମଣ, ପିଏସ୍ଏଲ୍ ମ୍ୟାଚ୍ ପୂର୍ବରୁ ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମ କ୍ଷତିଗ୍ରସ୍ତ



ନୂଆଦିଲ୍ଲୀ, ୮।୫ (ହି.ସ): ସୋସିଆଲ ମିଡିଆରେ ଭାଇରାଲ ରିପୋର୍ଟ ଅନୁଯାୟୀ, ଗୁରୁବାର ରାୱ୍ଲପିଣ୍ଡି କ୍ରିକେଟ ଷ୍ଟାଡିୟମ ନିକଟରେ ଏକ ଡ୍ରୋନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣା ପେଶାୱାର ଜାଲମି ଏବଂ କରାଚୀ କିଙ୍ଗସ ମଧ୍ୟରେ ନିର୍ଦ୍ଧାରିତ ପାକିସ୍ତାନ ସୁପର ଲିଗ (ପିଏସଏଲ) ମ୍ୟାଚ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଘଟିଛି, ଯାହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ସୁରକ୍ଷା ଚିନ୍ତାକୁ ଆହୁରି ବୃଦ୍ଧି କରିଛି। ରିପୋର୍ଟ ଅନୁଯାୟୀ, ଏହି ଦୁର୍ଘଟଣାରେ ଷ୍ଟାଡିୟମ ନିକଟରେ ଥିବା ଏକ ରେଷ୍ଟୁରାଣ୍ଟ ଭବନରେ ଆଂଶିକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ପାକିସ୍ତାନୀ ରିପୋର୍ଟ ଅନୁସାରେ, କର୍ତ୍ତୃପକ୍ଷ ଏହି ଅଞ୍ଚଳକୁ ସିଲ୍ କରିଦେଇଛନ୍ତି ଏବଂ ଡ୍ରୋନର ଉତ୍ପତ୍ତି ଏବଂ ଏହା କୌଣସି ବିସ୍ଫୋରକ ବହନ କରୁଥିଲା କି ନାହିଁ ତାହାର ତଦନ୍ତ କରୁଛନ୍ତି। ଦୁର୍ଘଟଣାରେ ଆହତ ହୋଇଥିବା ଦୁଇ ଜଣ ନାଗରିକଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଛି। ଘଟଣାସ୍ଥଳର ଦୃଶ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଭାବେ ପ୍ରଚାରିତ ହୋଇଛି। ରାୱ୍ଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ମେ ୮ ତାରିଖ ରାତି ୮ଟାରେ ପେଶାୱାର ଜାଲମି ବନାମ କରାଚୀ କିଙ୍ଗସ ମଧ୍ୟରେ ଏକ ମ୍ୟାଚ ଖେଳାଯିବାର ନିର୍ଦ୍ଧାରିତ ହୋଇଥିଲା। ଡ୍ରୋନ ଦୁର୍ଘଟଣା ଯୋଗୁଁ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳି ଏବଂ ଦର୍ଶକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏହାପୂର୍ବରୁ, ଦି ଟେଲିଗ୍ରାଫ ରିପୋର୍ଟ କରିଥିଲା ଯେ ପିଏସଏଲରେ ଅଂଶଗ୍ରହଣ କରୁଥିବା ଇଂଲଣ୍ଡର ଖେଳାଳିମାନେ ଦେଶରେ ରହିବା କିମ୍ବା ଘରକୁ ଫେରିବା ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସୁରକ୍ଷା ପରିସ୍ଥିତିର ମୂଲ୍ୟାଙ୍କନ ପାଇଁ ଏକ ଜରୁରୀ ବୈଠକ ଡାକିଛି। ଅନ୍ୟପକ୍ଷରେ, ଗୁରୁବାର ଲାହୋର ଏବଂ କରାଚୀ ସହରରେ ଏକାଧିକ ବିସ୍ଫୋରଣର ଖବର ମିଳିଛି। ଲାହୋରର ୱାଲଟନ ରୋଡ ଅଞ୍ଚଳରେ ତିନୋଟି ବିସ୍ଫୋରଣ ଘଟିଥିଲା, ଯାହା କାରଣରୁ ସ୍ଥାନୀୟ ବାସିନ୍ଦାମାନେ ଭୟଭୀତ ହୋଇ ପଳାୟନ କରିଥିଲେ। ସହର ସାରା ଧୂଆଁର ମାୟା ହୋଯାଇଥିଲା ଏବଂ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

# ପାକିସ୍ତାନୀ ଫିଲ୍ମ, ୱେବ ସିରିଜ ଉପରେ ପ୍ରତିବନ୍ଧକ ଲଗାଇଲେ ଭାରତ ସରକାର

ନୂଆଦିଲ୍ଲୀ, ୮।୫ (ହି.ସ): ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, ଭାରତ ସରକାର ସମସ୍ତ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ, ଓଟିଟି ସେବା ଏବଂ ଡିଜିଟାଲ୍ ମଧ୍ୟସ୍ଥତାକାରୀମାନଙ୍କୁ ପାକିସ୍ତାନ ଫିଲ୍ମ, ୱେବ ସିରିଜ ଆଦି ଷ୍ଟ୍ରିମିଂ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ (ଏମଆଇବି) ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମା ଜାତୀୟ ସୁରକ୍ଷା ଚିନ୍ତା ଏବଂ ଭାରତର ସାର୍ବଭୌମତ୍ୱ ତଥା ଅଖଣ୍ଡତା ବଜାୟ ରଖିବାର ଆବଶ୍ୟକତାକୁ ଉଲ୍ଲେଖ କରିଛି। ମେ ୮, ୨୦୨୫ ତାରିଖରେ ଜାରି ହୋଇଥିବା ଆନୁଷ୍ଠାନିକ ପରାମର୍ଶ, ଯାହା ଅନଲାଇନ୍ କ୍ୟୁରେଟେଡ୍ ବିଷୟବସ୍ତୁର ପ୍ରକାଶକ, ମିଡିଆ ଷ୍ଟ୍ରିମିଂ ପ୍ଲାଟଫର୍ମ ଏବଂ ମଧ୍ୟସ୍ଥତାକାରୀମାନଙ୍କୁ ଉଦ୍ଦେଶ୍ୟ କରି ଜାରି ହୋଇଛି, ତାହା ଇନଫର୍ମେସନ୍ ଟେକ୍ନୋଲୋଜି (ଇଣ୍ଟରମିଡିଆରୀ ଗାଇଡଲାଇନ୍ସ ଏବଂ ଡିଜିଟାଲ୍ ମିଡିଆ ଏଥିକ୍ସ କୋଡ୍) ନିୟମ, ୨୦୨୧ର ଭାଗ-୩ ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି। ଏହି ନିୟମଗୁଡିକ ସରକାରଙ୍କୁ ଅନଲାଇନ୍ ପ୍ଲାଟଫର୍ମଗୁଡିକ ପାଇଁ ଏକ ନୈତିକ ସଂହିତା ଲାଗୁ କରିବାର ଅଧିକାର ପ୍ରଦାନ କରେ, ବିଶେଷକରି ଦେଶର ସ୍ୱାର୍ଥକୁ କ୍ଷତି ପହଞ୍ଚାଇ ପାରୁଥିବା ବିଷୟବସ୍ତୁ ସମ୍ବନ୍ଧରେ। ଏହି ନିୟମାବଳୀ ଅନୁଯାୟୀ, ପରାମର୍ଶରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ସମସ୍ତ ଓଟିଟି ପ୍ଲାଟଫର୍ମ ଏବଂ ମିଡିଆ ଷ୍ଟ୍ରିମିଂ ସେବାଗୁଡିକ ତୁରନ୍ତ ପ୍ରଭାବ ସହ ପାକିସ୍ତାନରୁ ଉତ୍ପନ୍ନ ହୋଇଥିବା ୱେବ୍-ସିରିଜ୍, ଚଳଚ୍ଚିତ୍ର, ଗୀତ, ପଡକାଷ୍ଟ ଏବଂ ଅନ୍ୟାନ୍ୟ ଷ୍ଟ୍ରିମିଂ ମିଡିଆ ବିଷୟବସ୍ତୁ, ଯାହା ସବସ୍କ୍ରିପସନ୍-ଆଧାରିତ ମଡେଲରେ କିମ୍ବା ଅନ୍ୟ ଉପାୟରେ ଉପଲବ୍ଧ, ତାହାକୁ ବନ୍ଦ କରିବା ଆବଶ୍ୟକ। ଏହି ସମ୍ପୂର୍ଣ୍ଣ ନିର୍ଦ୍ଦେଶନାମା ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ଆତଙ୍କବାଦୀ ଘଟଣା ଏବଂ ଚାଲିଥିବା କୂଟନୈତିକ ତିକ୍ତତା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଆସିଛି।

# ବିରାଟଙ୍କୁ ଇଗନୋର କଲେ ଅନୁଷ୍କା !

ନୂଆଦିଲ୍ଲୀ, ୮।୫ (ହି.ସ): ବିରାଟ କୋହଲି ଏବେ ଖବରରେ ଅଛନ୍ତି। ପ୍ରକୃତରେ, ବିରାଟ କୋହଲି ଇନଷ୍ଟାଗ୍ରାମରେ ଅବନୀତ କୌରଙ୍କ ଏକ ଫଟୋକୁ ଲାଇକ କରିଥିଲେ। ଏହା ପରେ ବିରାଟ ପୋଷ୍ଟ କରି ସ୍ପଷ୍ଟୀକରଣ ଦେଇଥିଲେ। ଏହି ଘଟଣା ପରେ, ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ପ୍ରଥମ ଥର ପାଇଁ ବାହାରକୁ ବୁଲିବାକୁ ଯାଇଥିବା ନଜର ଆସିଥିଲେ। ତାଙ୍କର ବାହାରକୁ ଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅନୁଷ୍କା ଏବଂ ବିରାଟ ଏକ ଡିନର ଡେଟ ପାଇଁ ଯାଇଥିଲେ। ଭିଡିଓରେ ଅନୁଷ୍କା ଏବଂ ବିରାଟ ଗାଡ଼ିରୁ ଓହ୍ଲାଉଥିବାର ଦେଖାଯାଉଛି। ବିରାଟ ଅନୁଷ୍କାଙ୍କ ହାତ ଧରିବା ପାଇଁ ତାଙ୍କ ହାତ ବଢାଉଛନ୍ତି କିନ୍ତୁ ସେ ତାଙ୍କୁ ଅଣଦେଖା କରି ଚାଲିଯାଉଛନ୍ତି। ସୋସିଆଲ ମିଡିଆରେ ଏହି ଭିଡିଓକୁ ନେଇ ବହୁତ ଆଲୋଚନା ହେଉଛି। ଏହି ଭିଡିଓ ଉପରେ ୟୁଜର୍ସ ଲଗାତାର କମେଣ୍ଟ ଦେଉଛନ୍ତି। ଜଣେ ୟୁଜର ଲେଖିଛନ୍ତି- ଅବନୀତଙ୍କ ଘଟଣା ପରେ ଭାବୀ ରାଗିଯାଇଛନ୍ତି। ଅନ୍ୟ ଜଣେ ୟୁଜର ଲେଖିଛନ୍ତି - ଭାଇ, ଏହାକୁ ଡିଲିଟ କରିଦିଅ। ୫ ସେକେଣ୍ଡର ଏକ କ୍ଲିପ ଯୋଗୁ ଲୋକମାନେ ଅନୁଷ୍କାଙ୍କୁ ଗାଳି ଦେଉଛନ୍ତି। ଆଉଜଣେ ଲେଖିଛନ୍ତି - ଏହାକୁ ଡିଲିଟ କରିଦିଅ, ଲୋକମାନେ ଅନୁଷ୍କାଙ୍କୁ ୫ ସେକେଣ୍ଡର କ୍ଲିପ ଦେଖି ଜଜ କରୁଛନ୍ତି। ସୂଚନାଯୋଗ୍ୟ, ଅବନୀତଙ୍କ ଫଟୋକୁ ଲାଇକ କରିବା ପରେ, ବିରାଟ କୋହଲି ଲେଖିଥିଲେ - ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଯେତେବେଳେ ମୁଁ ମୋର ଫିଡ ସଫା କରୁଥିଲି, ଆଲଗୋରିଦମ ନିଶ୍ଚିତ ଭାବରେ ଭୁଲବଶତଃ ଏକ ଇଣ୍ଟରାକ୍ସନ ଲଗ କରିଥିବ। ଏହା ପଛରେ ମୋର କୌଣସି ଉଦ୍ଦେଶ୍ୟ ନଥିଲା। ଗାୟକ ରାହୁଲ ବୈଦ୍ୟ ବିରାଟଙ୍କ ପୋଷ୍ଟର ମଜା ଉଡାଇଥିଲେ। ସେ ଲେଖିଥିଲେ- ବିରାଟ କୋହଲିଙ୍କ ପ୍ରଶଂସକମାନେ ତାଙ୍କଠାରୁ ବଡ଼ ଜୋକର।

# ଭାରତୀୟ ସେନାକୁ ସଲାମ୍ କଲା ବଲିଉଡ୍

## ସୋସିଆଲ୍ ମିଡିଆରେ ପୋଷ୍ଟ ସେୟାର କଲେ ସେଲିବ୍ରିଟି

ମୁମ୍ବାଇ, ୮।୫ (ହି.ସ): ଭାରତର 'ଅପରେସନ୍ ସିନ୍ଦୂର' ପରେ ଭାରତରେ ଖୁସିର ଲହରି ଖେଳିଯାଇଛି। ଫିଲ୍ମ ଷ୍ଟାର୍ ଭାରତୀୟ ସେନା ଓ ଭାରତ ସରକାରଙ୍କୁ ସାବାସୀ ଦେଉଛନ୍ତି ଏବଂ ସେମାନଙ୍କ ପାଇଁ ଗର୍ବ ଅନୁଭବ କରୁଛନ୍ତି। ଅଜୟ ଦେବଗନ ଇନ୍ଷ୍ଟାଗ୍ରାମରେ ଏକ ଷ୍ଟୋରୀ ପୋଷ୍ଟ୍ କରି ଲେଖିଛନ୍ତି 'ମାନନୀୟ ପ୍ରଧାନମନ୍ତ୍ରୀ ଓ ଆମ ଭାରତୀୟ ସେନାକୁ ସଲାମ୍। ଭାରତ ଗର୍ବର ସହ ଓ ମଜଭୁତ ଭାବେ ଠିଆ ହୋଇଛି। ଜୟ ହିନ୍ଦ!' କଙ୍ଗନା ରଣାୱତ ଲେଖିଛନ୍ତି 'ଅପରେସନ୍ ସିନ୍ଦୂର, ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା। ଭାରତୀୟ ସଶସ୍ତ୍ର ବଳ ଏକ ସଠିକ୍ ମିଶନ- ଅପରେସନ୍ ସିନ୍ଦୂର ଆରମ୍ଭ କଲା। ପାକିସ୍ତାନର ୯ ଆତଙ୍କୀ



ଶିବିରକୁ ଧ୍ୱସ୍ତ କରିଦେଲା। ନୂଆ ଭାରତ।' ସେହିପରି, ଆୟୁଷ୍ମାନ ଖୁରାନା ତିରଙ୍ଗା ଇମୋଜି ସହ ପୋଷ୍ଟରେ ଲେଖିଛନ୍ତି 'ଆତଙ୍କବାଦ ପାଇଁ ଏ ବିଶ୍ୱରେ କୌଣସି ସ୍ଥାନ ନାହିଁ।' ଅକ୍ଷୟ କୁମାର ଏକ୍ସ ପ୍ଲାଟଫର୍ମରେ ଲେଖିଛନ୍ତି 'ଜୟ ହିନ୍ଦ, ଜୟ ମହାକାଳ।' ବିବେକ ଓବରଏ ଲେଖିଛନ୍ତି 'ଅପରେସନ୍ ସିନ୍ଦୂର ଭାରତର ବିଧବାଙ୍କ ଲୁହର ପ୍ରତିଶୋଧ। ଆତଙ୍କବାଦୀଙ୍କୁ ଏହା ଏକ କଠୋର ଚେତାବନୀ ଯେ ସେମାନଙ୍କ କୁକର୍ମକୁ ଆଉ ସହ୍ୟ କରାଯିବ ନାହିଁ।' ସୁନୀଲ ଶେଟ୍ଟୀ ସୋସିଆଲ ମିଡିଆରେ ଲେଖିଛନ୍ତି 'ଆତଙ୍କବାଦ ପାଇଁ କୌଣସି ସ୍ଥାନ ନାହିଁ। ଶୂନ୍ୟ ସହନଶୀଳତା। ପୂରା ନ୍ୟାୟ। 'ଅପରେସନ୍ ସିନ୍ଦୂର'। ଭିକ୍କି କୌଶଲ ଇନ୍ଷ୍ଟା ଷ୍ଟୋରୀରେ ତିରଙ୍ଗା ପୋଷ୍ଟ୍ କରି ଲେଖିଛନ୍ତି 'ଜୟ ହିନ୍ଦ, ଜୟ ସେନା। ହାଶଟ୍ୟାଗ୍ 'ଅପରେସନ୍ ସିନ୍ଦୂର'। ରାଜକୁମାର ରାଓ 'ଅପରେସନ୍ ସିନ୍ଦୂର'କୁ ନେଇ ଗର୍ବିତ। ଭାରତୀୟ ସଶସ୍ତ୍ର ବଳକୁ ନେଇ ଅତ୍ୟନ୍ତ ଗର୍ବିତ ବୋଲି ସେ ଲେଖିଛନ୍ତି।

# ଚର୍ଚ୍ଚାରେ ମେଟ୍ ଗାଲା ୨୦୨୫ର ନୀଳ ଫୁଲମୟ କାର୍ପେଟ

ନୂଆଦିଲ୍ଲୀ, ୮।୫ (ହି.ସ): ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ ଇଭେଣ୍ଟ ମେଟ୍ ଗାଲା ୨୦୨୫ରେ କେରଳର ଏକ ଛୋଟ ସଂସ୍ଥା ନେୟଟ ବାଇ ଏକ୍ସଟ୍ରାୱେଭ୍ ପୁଣି ଥରେ ସମସ୍ତଙ୍କ ନଜର ଆକର୍ଷଣ କରିଛି। ଚଳିତ ବର୍ଷ ମେଟ୍ ଗାଲାରେ ମେଟ୍ରୋପଲିଟାନ ମ୍ୟୁଜିୟମ୍ ଅଫ୍ ଆର୍ଟର ପାହାଚରେ ବିଛା ଯାଇଥିବା ନୀଳ ରଙ୍ଗର ଫୁଲମୟ କାର୍ପେଟ କେରଳର ଆଲପ୍ପୁଝା ଅଞ୍ଚଳର ଏହି ସଂସ୍ଥା ଦ୍ୱାରା ନିର୍ମିତ। ଏହା ତୃତୀୟ ଥର ଯେ ନେୟଟ ବାଇ ଏକ୍ସଟ୍ରାୱେଭ୍ ଏହି ଅନ୍ତର୍ଜାତୀୟ ମଞ୍ଚରେ ଭାରତୀୟ କାରିଗରୀର ପରିଚୟ ଦେଇଛି। ଚଳିତ ବର୍ଷର ମେଟ୍ ଗାଲା କାର୍ପେଟ, ଯାହା ୬୩,୦୦୦ ବର୍ଗଫୁଟରୁ ଅଧିକ ବିସ୍ତୃତ, ମାଡାଗାସ୍କାରରୁ ଆନୀତ ସିସାଲ୍ ଫାଇବରରେ ନିର୍ମିତ। ଏହା ପୁରାପୁରି ପରିବେଶ ଅନୁକୂଳ ଓ ବାୟୋଡିଗ୍ରେଡେବଲ୍, ଯାହା ଆଧୁନିକ ଫ୍ୟାଶନ ଇଭେଣ୍ଟର ସ୍ଥାୟୀତ୍ୱ ନୀତିକୁ ପ୍ରତିଫଳିତ କରେ। ୪୮୦ ଜଣ କାରିଗର ୯୦ ଦିନ ଧରି କାମ କରି ୫୭ଟି ୪ ମିଟର ଚଉଡ଼ା ଓ ୩୦ ମିଟର ଲମ୍ବର କାର୍ପେଟ ରୋଲ୍ ତିଆରି କରିଥିଲେ। ଏହି କାର୍ପେଟରେ ହାତରେ ଅଙ୍କା ଯାଇଥିବା ଧଳା ଡାଫୋଡିଲ୍ ଫୁଲର ଡିଜାଇନ୍ ଏହାକୁ ଅଧିକ ଆକର୍ଷଣୀୟ କରିଛି। ନେୟଟ କମ୍ପାନୀ କହିଛି ଯେ ସେମାନେ କେବଳ ମୂଳ କାର୍ପେଟ ବେସ୍ ଯୋଗାଇଛନ୍ତି, ଚୂଡ଼ାନ୍ତ ଡିଜାଇନ୍ ମେଟ୍ ଗାଲା ଟିମ୍ ଦ୍ୱାରା କରାଯାଇଛି। ଚଳିତ ବର୍ଷର ମେଟ୍ ଗାଲାର ଥିମ୍ ଥିଲା ସୁପରଫାଇନ୍: ଟେଲରିଂ ବ୍ଲାକ୍ ଷ୍ଟାଇଲ୍, ଯାହା ବ୍ଲାକ୍ ଡାଣ୍ଡିଜମ୍ ଓ ସାର୍ଟୋରିଆଲ୍ ଉତ୍କର୍ଷତାକୁ ଉଜ୍ଜ୍ୱଳ କରିଥିଲା। ଏହି ଇଭେଣ୍ଟରେ ଭାରତୀୟ ତାରକା ଯଥା ଶାହରୁଖ ଖାନ, କିଆରା ଆଡ଼ଭାନୀ, ପ୍ରିୟଙ୍କା ଚୋପ୍ରା, ଦିଲଜିତ ଦୋସାଞ୍ଜ ଏବଂ ଇଶା ଆମ୍ବାନୀ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରି ଭାରତର ଫ୍ୟାଶନ ପ୍ରତିନିଧିତ୍ୱ କରିଥିଲେ। ତେବେ କେତେକ ଭାରତୀୟ ତାରକାଙ୍କ ପ୍ରତି ଅଣଦେଖା ମନୋଭାବ ନେଇ ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ମଧ୍ୟ ଦେଖାଦେଇଥିଲା। ନେୟଟ ବାଇ ଏକ୍ସଟ୍ରାୱେଭ୍ ଚଳିତ ବର୍ଷ ତାଙ୍କର ୨୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଏହି ସଂସ୍ଥା ପୂର୍ବରୁ ବକିଂହାମ୍ ପ୍ୟାଲେସ୍ ଓ ହ୍ୱାଇଟ୍ ହାଉସ୍ ପାଇଁ ମଧ୍ୟ କାର୍ପେଟ ଯୋଗାଇଛି। କେରଳର ଶିଳ୍ପ ମନ୍ତ୍ରୀ ପି. ରାଜୀଭ ଏହି ସଫଳତା ପାଇଁ ସଂସ୍ଥାକୁ ପ୍ରଶଂସା କରି କହିଛନ୍ତି ଯେ ଏହା ରାଜ୍ୟର ଟେକ୍ସଟାଇଲ୍ ଉତ୍କର୍ଷତାକୁ ବିଶ୍ୱ ମଞ୍ଚରେ ପହଞ୍ଚାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହି ଘଟଣାକୁ ନେଇ ଗର୍ବର ସ୍ୱର ଶୁଣାଯାଇଛି।







## ଆୟରେ ୧୦୦ କୋଟି ଟଙ୍କାର ରେକର୍ଡକୁ ଭାଙ୍ଗିଲା ରେଡ-୨

ନୂଆଦିଲ୍ଲୀ, ୮।୫ (ହି.ସ): ଅଜୟ ଦେବଗନ ଏବଂ ରିତେଶ ଦେଶମୁଖଙ୍କ ଅଭିନୀତ ଫିଲ୍ମ 'ରେଡ୍ ୨' ମେ ୧ ତାରିଖରେ ସିନେମା ହଲକୁ ଆସିଥିଲା। ପ୍ରଥମ ଦିନରେ ଏହି ଫିଲ୍ମ ଦୁଇଟି ଦକ୍ଷିଣ ଭାରତୀୟ ଫିଲ୍ମ 'ରେଟ୍ରୋ' ଏବଂ 'ହିଟ୍ ୩' ସହିତ ଏବଂ ବଲିଉଡ୍ ଫିଲ୍ମ 'ଭୂତନି' ସହିତ ଟକ୍କର ଦେଇଥିଲା। ତଥାପି, 'ରେଡ୍ ୨' ବକ୍ସ ଅଫିସରେ ଏକ ଜବରଦସ୍ତ ଓପନିଂ କରିଥିଲା ଏବଂ ଏହା ପରେ ଏହି ସମସ୍ତ ଫିଲ୍ମକୁ ପଛରେ ପକାଇ ଦେଇଥିଲା ଏବଂ ରିଲିଜ୍ ହେବାର ୬ ଦିନ ମଧ୍ୟରେ ଏହାର ବଜେଟ୍ ଅପେକ୍ଷା ଅନେକ ଗୁଣ ଅଧିକ ବ୍ୟବସାୟ କରିଥିଲା। ଏହି ଫିଲ୍ମ କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ବହୁତ ଚର୍ଚ୍ଚା କରୁଛି। ଆସନ୍ତୁ ଜାଣିବା 'ରେଡ୍ ୨' ରିଲିଜ୍ ହେବାର ୬ ଦିନରେ ସାରା ବିଶ୍ୱରେ କେତେ ଟଙ୍କା ସଂଗ୍ରହ କରିଛି। 'ରେଡ୍ ୨' ସାରା ବିଶ୍ୱରେ ବକ୍ସ ଅଫିସରେ ରାଜ କରୁଛି ଏବଂ ଚମତ୍କାର ପ୍ରଦର୍ଶନ କରୁଛି। ଫିଲ୍ମର ବିଶ୍ୱବ୍ୟାପୀ କଲେକ୍ସନ ବିଷୟରେ କହିବାକୁ ଗଲେ, ଏହା ବିଶ୍ୱବ୍ୟାପୀ ୧୦୮.୬୫ କୋଟି ଟଙ୍କା ରୋଜଗାର କରିଛି। ଏହା ସହିତ, ଫିଲ୍ମଟି ରିଲିଜ୍ ହେବାର ଗୋଟିଏ ସପ୍ତାହ ପୂର୍ବରୁ ୧୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏକ ରିପୋର୍ଟ ଅନୁଯାୟୀ, ରେଡ୍ ୨ ମଙ୍ଗଳବାର ଦିନ ୬.୭୫ କୋଟି ଟଙ୍କା ରୋଜଗାର କରିଛି, ଯାହା ଫଳରେ ଏହାର ମୋଟ ନେଟ୍ ଇଣ୍ଡିଆ ସଂଗ୍ରହ ୮୫.୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି।




କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik